ପଦେ ପଦେ ସ୍ମରଣ କରାଇ ଦେଉଛି । ସଂଗ୍ରାମର ପ୍ରବର୍ତ୍ତକ ବଡ଼ ଖେମଣ୍ଡି ରାଜ୍ୟର ରାଜାଙ୍କର ସେ ହୋଇ ଥିଲେ । କେତେକଙ୍କ ମତରେ ଯୁବରାଜ । ସେ ଯାହାହେଉ, ସେ ଯେ ଜଣେ ଏକ ରାଜ ପରିବାରର ସକଳ ଭୋଗ-ବିଳାସ ସହିତ ନିବିଡ଼ ଭାବରେ ପରିଚିତ ଥିଲେ ଏଥିରେ ସନ୍ଦେହ ନାହିଁ । ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତାରେ ଲେଖା ଅଛି—

ସଂସାରେ ଥିଲାବେଳେ ମୁଁ କି ଭୋଗ କରି ନଥିଲି ? ମୁଁ ସର୍ବଦା ପଞ୍ଚବସ୍ତ୍ର ଛଡ଼ା ଆଉ କିଛି ବ୍ୟବହାର କରୁ ନଥିଲି ଓ ମୋର ଶରୀର ସର୍ବଦା ସୁଗନ୍ଧ ଦ୍ରବ୍ୟରେ ଲିପ୍ତ ଥିଲା । ମୁଁ କୋମଳ ଶଯ୍ୟାରେ ଶୋଉଥିଲି । ମୋର ମସ୍ତକ ପୁଷ୍ପଖଚିତ ହେଉଥିଲା । ମୁଁ କେବଳ କ୍ଷୀର, ପିଠା ଓ ଖେଚଡ଼ି ଖାଉଥିଲି ଏବଂ ଅଶ୍ୱାରୋହଣ କରି ବୁଲୁଥିଲି ।

ଅରକ୍ଷିତ ଦାସ ଏହି ଭୋଗବିଳାସମୟ ଜୀବନକୁ ମାତ୍ର ଅଠର ବର୍ଷ ବୟସରେହିଁ ପରିତ୍ୟାଗ କରି ଦୀର୍ଘ ଅଠର ବର୍ଷ କାଳ ପାହାଡ଼ରୁ ପାହାଡ଼, ଜଙ୍ଗଲରୁ ଜଙ୍ଗଲ ଓ ଗ୍ରାମରୁ ଗ୍ରାମ ଘୂରି ବୁଲିଥିଲେ ସତ୍ୟ ଓ ଆତ୍ମୋପଲବ୍ଧିର ସନ୍ଧାନରେ । ଦୀର୍ଘକାଳ ଧରି ସେ କେବଳ ଜଳପାନ କରିହିଁ ବଞ୍ଚିଥିଲେ । ଏହି ଆଧ୍ୟାତ୍ମିକ ଅନ୍ୱେଷଣ ଭିତରେ ଏହି ରାଜକୁମାର ଥରେ ପୁରୀରେ ଏକ ମାଳୀ ଦ୍ୱାରା ଚୋର ବୋଲି ସନ୍ଦେହରେ, ପ୍ରାୟ ମରଣୋନ୍ମୁଖ ଭାବରେ ପ୍ରହାରିତ ହୋଇଥିଲେ । ସେ ଏହି ଦୁର୍ବିପାକ ବେଳେ ଜଣେ ସ୍ତ୍ରୀଲୋକ ଦ୍ୱାରା ଯେ ଉଦ୍ଧୃତ ଓ ଶୁଶ୍ରୂଷିତ ହୋଇଥିଲେ, ତାହା ବିଶ୍ୱର ଚିରନ୍ତନ ନାରୀ-ଶକ୍ତିର ଏକ ପ୍ରମାଣ । ଜଣେ ଧର୍ମପରାୟଣା ବିଧବା ରମଣୀ, ଏହି ଏକଦା-ରାଜକୁମାରଙ୍କର ତରୁଣ ବୟସ ଓ ଅସାଧାରଣ କୃଚ୍ଛ୍ର ସାଧନା ଦେଖି ତାଙ୍କୁ ଏସବୁ ଛାଡ଼ି ଦେଇ ଗାର୍ହସ୍ଥ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗ କରିବାକୁ ଉପଦେଶ ଦେଇଥିଲେ ।

ଏହି ଭ୍ରାମ୍ୟମାଣ କାଳରେ ଏହି ଧାର୍ମିକ ରାଜକୁମାର ଉତ୍କଳର ବହୁ ବିଖ୍ୟାତ ଦେବ ଦେବୀଙ୍କ ପୀଠସ୍ଥାନ ସବୁକୁ ଯାଇଥିଲେ । ବହୁ ପରେ ଦୟାନନ୍ଦ ସରସ୍ୱତୀଙ୍କ ଜୀବନରେ ଯାହା ଘଟିଲା, ଏହି ସତ୍ୟାନୁ-

# ମହୀମଣ୍ଡଳ ଗୀତା : ଏକ ସୂଚନା

ସାହିତ୍ୟରେ ଜୀବନର ବହିରଙ୍ଗ ଓ ଅନ୍ତରଙ୍ଗ ତଥା ଇନ୍ଦ୍ରିୟୋତ୍ତର ଦିଗ ପ୍ରକାଶ ପାଇଥାଏ । ଏହି ଦିଗର ବର୍ଣ୍ଣାଢ୍ୟ ମାଧୁରୀ କିମ୍ବା ପରିଚ୍ଛନ୍ନ ନୀଳ ଗଭୀରତା ଓ ବ୍ୟାପ୍ତି ନିର୍ଭର କରେ କବିର ଅନୁଭବ ଏବଂ ତତ୍ ପ୍ରକାଶକାରୀ ପ୍ରତିଭା ଉପରେ । ଏ ଦୃଷ୍ଟିରୁ ଜଣେ କବି ସାଧକ ହୋଇପାରେ; ମାତ୍ର ସାଧାରଣତଃ ଜଣେ ସାଧକ କବି ହୋଇ ନ ପାରେ । ତଥାପି, କେବଳ ଅନୁଭବର ସିଦ୍ଧିରେ ଓ ପରିଧିରେ ସାଧକର କବି ମନ ସୁଲଭ, ସ୍ୱଚ୍ଛତା, ଓ ଅଧିକନ୍ତୁ, ତତ୍ତ୍ୱ-ମୁଖ୍ୟତା ପରିସ୍ଫୁଟ ହୋଇଥାଏ । ମହୀମଣ୍ଡଳ ଗୀତାର ରଚୟିତା, ସାଧକ ଅରକ୍ଷିତ ଦାସ ଏ ପର୍ଯ୍ୟାୟର ଜଣେ ମହତ୍ତ୍ୱ ବ୍ୟକ୍ତି । ତାଙ୍କର କବିତ୍ୱର ସ୍ୱରୂପ ଅନ୍ତରଙ୍ଗତଃ ଅନୁଭବ—ସୀମାରେ ଆବଦ୍ଧ ।

ଏହାଙ୍କ ସାଧନାଗତ ବିଶ୍ୱାସ, ନିଷ୍ଠା ଓ ମହତ୍ତ୍ୱ ସଂପର୍କରେ କେତେକ ଆଲୋଚନା ହୋଇଛି । ସେ ଓଡ଼ିଆ ସମାଜର ଦୃଷ୍ଟି ଆକର୍ଷଣ କରିଛନ୍ତି । ବେଶ୍ ପୂର୍ବରୁ—ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏହି ମହୀମଣ୍ଡଳ ଗୀତା ଓ ଏହାର ରଚୟିତା ଅରକ୍ଷିତଙ୍କ ସଂପର୍କରେ ପ୍ରଥମେ ଆଲୋଚନା କରିଥିଲେ ବୋଲି ମନେହୁଏ । ବସ୍ତୁତଃ ବଳରାମ ଜଗନ୍ନାଥ ପ୍ରମୁଖ ପ୍ରଖ୍ୟାତ ପଞ୍ଚସାଧକଙ୍କ ତପସ୍ୱିତା ସହିତ ଏହାଙ୍କର ସାଧନା-ମହତ୍ତ୍ୱ ତୁଳନୀୟ ହୋଇପାରେ ।

ମହୀମଣ୍ଡଳ ଗୀତାରେ ପ୍ରଦତ୍ତ ପଞ୍ଚଭୂତ ତତ୍ତ୍ୱ, ଭକ୍ତି ମୁଖ୍ୟତା, ଆତ୍ମା ତତ୍ତ୍ୱ, ସର୍ବତ୍ର ଓ ସର୍ବଦା ଆତ୍ମ ବ୍ୟାପ୍ତି ଏବଂ ସାମ୍ୟବୋଧ, ଓଁକାର ତତ୍ତ୍ୱ, ଦୁଃଖ ମହତ୍ତ୍ୱ ପ୍ରଭୃତିର ବିଶଦ ବର୍ଣ୍ଣନାରେ ସାଧକ କବିଙ୍କର ସ୍ପଷ୍ଟବାଦୀ, ଗଭୀର ଅନୁଭବ, ଓ ବଳିଷ୍ଠ ପ୍ରତ୍ୟୟ ପରିସ୍ଫୁଟ । ଏ ପ୍ରତ୍ୟୟଟି କବି ଜନ ସୁଲଭ; ଅଧିକନ୍ତୁ, ସାଧନସିଦ୍ଧ ବା ସାଧନା-ଲବ୍ଧ ଛନ ବିଶେଷରେ ତାଙ୍କର ବାଣୀ (ଏପରିକି ଆଧୁନିକ) ସାହିତ୍ୟର ବା

(୩୭ଶ ଅଧ୍ୟାୟ) [ଏହାର ଗର୍ଭିତ ତତ୍ତ୍ୱ ମଧ୍ୟ ବୈକୁଣ୍ଠ ନାଥଙ୍କ 'ଶିଶୁ ସୃଷ୍ଟି' କବିତାର ଭିତ୍ତି। ଇଂରେଜୀ କବି ଓ୍ୱାର୍ଡସ୍‌ଓ୍ୱର୍ଥଙ୍କର ଶିଶୁପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ଏତାଦୃଶ।] କେବଳ ଏତିକି ନୁହେଁ ଗର୍ଭସ୍ଥ ହେବା ଠାରୁ ଜନ୍ମ, ବାଲ୍ୟ, ଯୌବନ. ବାର୍ଦ୍ଧକ୍ୟ ଓ ମୃତ୍ୟୁ ପର୍ଯ୍ୟନ୍ତ ଶିଶୁର ବିକାଶ ଓ କ୍ଷୟ ପ୍ରସଙ୍ଗଟି ଦଶାବତାର ରୂପକରେ କବି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି। 'ପ୍ରଥମେ ମାତାଗର୍ଭେ ରହି' ଠାରୁ 'ମୃତ୍ୟୁ ତୋତେ ଆସିଘୋଟିବ' ପର୍ଯ୍ୟନ୍ତ (୩୭ଶ ଅଧ୍ୟାୟର ୨୧ରୁ ୩୦ ପଦ) ଛଅଟି ଦର୍ଶନୀୟ [ଏବଂ ଏହା ସହିତ ତଥ୍ୟଟି ଦୃଷ୍ଟିରୁ ସେକସପିଅରଙ୍କ World is a stage ପ୍ରସଙ୍ଗଟି ବିବେଚ୍ୟ] ମୋର କହିବାର କଥା ଅରକ୍ଷିତଙ୍କର ଅନୁଭବ ଓ ସାଧନା ସିଦ୍ଧ ତତ୍ତ୍ୱ ସାହିତ୍ୟରେ ରସମୟ ଭାବରେ ପରିବେଷିତ ହୋଇଛି। ଏହି ସାମ୍ୟଯୋଗୁ ତାଙ୍କୁ ଜଣେ ଅନ୍ତରଙ୍ଗ ବା ଅନ୍ତର୍ମୁଖୀ କବି କୁହାଯାଇପାରେ। ଏହି ଅନୁଭବ-ସିଦ୍ଧିର ଅଭାବରେ ସାଧକ ମଧ୍ୟ ସମାଜରେ ବଞ୍ଚି ରହିବା ସଂଭବ ନୁହେଁ। କିନ୍ତୁ କର୍ଣ୍ଣୀତ ବ୍ୟକ୍ତିତ୍ୱରେ ସାଧକ ଅରକ୍ଷିତ ଦାସ ବଞ୍ଚି ରହିବେ। ତଥା ତାଙ୍କର ମହିମାମଣ୍ଡଳଗୀତା ସାଧନା-ଓ-ଶ୍ରୁତି ମୁଖୀ ଓଡ଼ିଶା ମନରେ ମର୍ଯ୍ୟାଦା ଲାଭ କରୁଥିବ।

ଅଧ୍ୟାପକ ବୈଷ୍ଣବଧର ରାଉତ
ଉତ୍ତର ଓଡ଼ିଆ ବିଭାଗ,
ରେଭେନ୍‌ସା କଲେଜ, କଟକ
ତା ୨୦।୧।୧୯୭୦

# ଅଭିମତ

ମହାପୁରୁଷ ଅରକ୍ଷିତ ଦାସଙ୍କ ମହିମମଣ୍ଡଳ ଗୀତା ଆମୂଳଚୂଳ ପାଠକଲି । ମୁଁ ପଠନ କରି ନିମ୍ନ ଭାବରେ ମୋର ଅଭିମତ ଜ୍ଞାପନ କରୁଛି ।

ବାସନା ଜୀବର ବନ୍ଧନର କାରଣ । ଏହି ବାସନା ମନୁଷ୍ୟକୁ ଭୋଗ ବିଳାସରେ ଆକୃଷ୍ଟ କରି ତା ସଙ୍ଗରେ ତାକୁ ନିବିଡ଼ ଭାବରେ ବାନ୍ଧି ରଖିଛି । ସେ ବନ୍ଧନ ଏତେ ଦୃଢ଼ ଯେ ସେଥିରୁ ବିଚ୍ଛିନ୍ନ ହେବା ତା ପକ୍ଷରେ ଗୋଟିଏ ବିଷମ ବ୍ୟାପାର । ଐହିକ୍ୟ, ଐଶ୍ୱର୍ଯ୍ୟ, କ୍ଷମତା, ଯଶ ଓ ସୁଖ ଆଦିର ଅନ୍ୱେଷଣରେ ସେ ଘୂରି ଘୂରି ବ୍ୟତିବ୍ୟସ୍ତ ହୋଇ ପଡୁଛି । ଆତ୍ମୀୟମାନଙ୍କ ମଧ୍ୟରେ କିପରି ପ୍ରତିପତ୍ତି ଲାଭ କରିବ ତାର ଚେଷ୍ଟାରେ ସେ ବୁଲୁଛି । ପାର୍ଥିବ ଐଶ୍ୱର୍ଯ୍ୟ ଯେତେ ମିଳୁ ପଛକେ ସେ ସେଥିରେ ପରିତୃପ୍ତ ନ ହୋଇ ନୂତନ ସୁଖର ମୋହରେ ମୁଗ୍ଧ ହୋଇ ନୂତନତର ସୁଖର ଅନ୍ୱେଷଣରେ ସେତେ ଘୂରି ବୁଲୁଛି । ତାର ଆଶା ବୈତରଣୀ ନଦୀ, ଉପଭୋଗରେ ଶାନ୍ତ ହେଉନାହିଁ—ମାତ୍ର ବଢ଼ି ଚାଲିଛି । କେଉଁଥିରେ ତାର ଆଶା ପୂର୍ଣ୍ଣ ହେଉନାହିଁ । ସବୁବେଳେ ସେ ସୁଖପାଇଁ ଲାଳାୟିତ । ତାର ଏକାନ୍ତ ଆଶା ସବୁବେଳେ ସୁଖ ହେଉ, ଦୁଃଖ ନମିଳୁ ।

ପ୍ରକୃତରେ ସେ ସୁଖ ଚାହେଁ । କିନ୍ତୁ କେଉଁ ସୁଖରେ ତାର ପରିତୃପ୍ତି ହେବ ସେ ତାହା ଜାଣେ ନାହିଁ । ଅଥଚ ତାର ନିଜ ମଧ୍ୟରେ ଏପରି ଗୋଟିଏ କଣ ଅଛି ଯାହା ପାଇବା ପାଇଁ ସେ ସର୍ବଦା ବହୁତ ଦୁଃଖ କଷ୍ଟ ସହି ମଧ୍ୟ ବଞ୍ଚି ରହିବାକୁ ଚାହେଁ । ତାର ଅଜାଣତରେ ନିଶ୍ଚୟ ସେ ଏପରି କିଛିର ଆସ୍ୱାଦ ପାଇଛି ଯାହାକୁ ଛାଡ଼ି ରହିବା ତା ପକ୍ଷରେ ଅସମ୍ଭବ ।

ତାକୁ ସେହି ଅଜ୍ଞାତ ବସ୍ତୁପାଇଁ ଆଗ୍ରହାନ୍ୱିତ ହୋଇ ଯେପରି ବଞ୍ଚି ରହିବାକୁ ହେବ ସଂସାର ଆବର୍ତ୍ତରେ ଘୂରି ଘୂରି ବୁଝିପାରେ ଯେ ଆନନ୍ଦ କେବଳ ତାର ଲକ୍ଷ୍ୟ ଏବଂ ସେହି ଆନନ୍ଦ ଲାଭ କରିବା ନିମିତ୍ତ

ତାର ଏତେ ବ୍ୟଗ୍ରତା । ସଂସାର ଗୋଟିଏ ବୃହତ୍ ପରିହାସ ମାତ୍ର ଓ ସେ ମରୀଚିକା ପଛରେ ପ୍ରଧାବିତ ହେଉଅଛି । ଏହିପରି ଭାବରେ ଯେତେବେଳେ ସେ କୌଣସିଠାରେ ତାର ଚିର ଆକାଙ୍କ୍ଷିତ ଆନନ୍ଦକୁ ପାଇପାରେ ନାହିଁ ସେତେବେଳେ ଶରୀର ଓ ମନର ଆଶ୍ରୟରେ ସେ ଯେଉଁସବୁ ଅଭିଜ୍ଞତା ଅର୍ଜନ କରିଅଛି ତାର କେବଳ ନିଗୂଢ଼ ମର୍ମ ଓ ପ୍ରକୃତ ଅର୍ଥ ହୃଦୟଙ୍ଗମ କରିବା ପାଇଁ ଆକୁଳ ହୁଏ ।

ମନୁଷ୍ୟ ସେତିକି ବେଳେ ବିଶ୍ୱ-ସମସ୍ୟାର ନିର୍ବିରୋଧ ମୀମାଂସା ପାଇଁ ପ୍ରସ୍ତୁତ ହେବାକୁ ପ୍ରବୃତ୍ତ ନହୋଇ ରହିପାରେ ନାହିଁ । ଫଳରେ ଜୀବନର ଚରମ ଲକ୍ଷ୍ୟ କଣ—ତାହାରହିଁ ଅନୁସନ୍ଧାନ କରିଥାଏ ।

ଯେତେବେଳେ ଏହି ଅବସ୍ଥା ଲାଭ କରିବାର ସୌଭାଗ୍ୟ ମନୁଷ୍ୟର ହୁଏ ସେ ସେତେବେଳେ ଆଉ କିଛି ଚାହେଁ ନାହିଁ । ସେ ହୁଏ କେବଳ ଗୋଟିଏ ପୂର୍ଣ୍ଣତତ୍ତ୍ୱର ଅନୁଭୂତିର ଭିକାରୀ । ଆତ୍ମାହିଁ ସେହି ପୂର୍ଣ୍ଣତତ୍ତ୍ୱ । ଆମ୍ଭେମାନେ ଯାହାକୁ 'ମୁଁ' 'ମୁଁ' କହୁ ସେହି ବିଷୟାଂଶଯୁକ୍ତ ଆତ୍ମା ଅତ୍ମ ବସ୍ତୁର ଛାୟା । ଏହି ଆତ୍ମବସ୍ତୁହିଁ ବିଶ୍ୱର ପରମ ତତ୍ତ୍ୱ, ପୂର୍ଣ୍ଣତତ୍ତ୍ୱ । ଆତ୍ମାର ଅନ୍ୱେଷଣ ଏବଂ ଆତ୍ମାକୁ ଜ୍ଞାନରେ ପାଇବାହିଁ ପରମାନନ୍ଦ ଓ ପରିପୂର୍ଣ୍ଣ ଜ୍ଞାନ ।

ଏହି ଆତ୍ମ ଅନ୍ୱେଷଣ, ଆତ୍ମଜିଜ୍ଞାସା ଏବଂ ଯେଉଁ ଆତ୍ମଜ୍ଞାନରେ ଏହି ଜିଜ୍ଞାସାର ନିଃଶେଷ ନିବୃତ୍ତି ହୁଏ ସେହି ଜ୍ଞାନ ହିଁ ଏକମାତ୍ର ପରିପୂର୍ଣ୍ଣ ଆତ୍ମବସ୍ତୁ । ଏହା ହିଁ ପରିପୂର୍ଣ୍ଣ ଜ୍ଞାନ ।

ଏତିକିବେଳେ ମନୁଷ୍ୟ ବୁଝେ ବ୍ରହ୍ମମୟ ଜଗତ, ବ୍ରହ୍ମ ବିନା କିଛି ନାହିଁ ସେ ଭିତରେ ବାହାରେ ସର୍ବତ୍ର ବିଦ୍ୟମାନ—ଏହି ଆତ୍ମାକୁ ଜାଣିଲେ ଆଉ ଜାଣିବାର ଅବଶିଷ୍ଟ କିଛି ରହେନାହିଁ । ଋଷିଗଣ ଚିରଦିନ ଏହି ଆତ୍ମା ବା ଏକତ୍ୱର ଅନ୍ୱେଷଣ କରିଥାନ୍ତି । ଏହି ଏକାତ୍ମାନୁଭୂତି ହିଁ ମନୁଷ୍ୟର ଅନ୍ତଃ ପ୍ରକୃତିର ବିଶିଷ୍ଟ ଧର୍ମ । ଏହି ଆତ୍ମାର ଅନେଷଣକୁ ଶାସ୍ତ୍ର "ତତ୍ତ୍ୱଜିଜ୍ଞାସା" ନାମରେ ଅଭିହିତ କରିଅଛି ।

ସିଂହରୁ ଦଶିପୋକ ଯାଏ
ନାନା ନାମଟି ମୋର ହୋଏ ।୧୭

ଚଳନ୍ତା ଚୌଦକୋଟି ଜୀବ
ମୁହିଁଟି ହୋଇ ଅଛୁ ସର୍ବ ।୧୮

ନିଶ୍ଚଳ ଚୌଦ କୋଟି ଜାଣ
ମୁହିଁଟି ସର୍ବ ହେଲି ପୁଣ ।୧୯

ଉଡ଼ା ଚୌଦ କୋଟି ମୁହିଁ
ମୁଁ ସର୍ବ ରୂପ ହୋଇଛଇଁ ।୨୦

ବୁଡ଼ା ଚୌଦକୋଟି ହେଲି
ମୁଁ ସର୍ବ ରୂପ ଯେ ଧଇଲି ।୨୧

ଛପନ କୋଟି ଜୀବ ମୁହିଁ
ନାନା ନାମଟି ମୋତେ ଦେଇ ।୨୨

ମୁଁ ଦଶ ଅବତାର ହେଲି
ନାନା ନାମଟି ମୁଁ ବହିଲି ।୨୩

ମନ କହୁଛି ପ୍ରଭୁ ଶୁଣ
ତୋ ନାମ କହହେ ବହନ ।୨୪

ସଂସାରେ ଯେତେ ନାମ ତୋର
କହିତ ଦେବ ମୋ ଆଗର ।୨୫

ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମୃଦୁ ବାଣୀ ।୨୬

ମୁଁ ନନା ଅବତାର ହୋଇ
ମୁଁ ମୋତେ ନାମ ଯେ ଷଅଇ ।୨୭

ମୁହିଁଟି ଭକ୍ତ ବୃନ୍ଦ ହେଲି
ମୁହିଁଟି ମୋତେ ନାମ ଦେଲି ।୨୮

କେତେ ନାମହିଁ କହି ଦେବା
ତୋ ମନୁ ସଂଶୟ ଫେଡ଼ିବା ।୨୯

ମୁଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୋତେ କହିଲି ମୁଁ ନିକର ।୩୦

ଶଙ୍ଖାସୁର ଅରି ମୁହିଁ
କଂସ ଅରି ମୁଁ ବୋଲାଇ ।୩୧

କଳପ ତରୁ ମୁହିଁ ହେଲି
ମୁଁ ଭଗବାନ ବୋଲାଇଲି ।୩୨

ନିରଞ୍ଜନଟି ମୋର ନାମ
ନାରାୟଣଟି ହେଲି ପୁଣ ।୩୩

ଅନାଥ ଭଞ୍ଜନ ହୋଇଲି
ଗୋପୀଜୀବନ ବୋଲାଇଲି ।୩୪

ବସୁଦେବ ସୁତଟି ମୁହିଁ
ହରିନାମଟି ମୁଁ ଅଟଇ ।୩୫

ବନମାଳିଟି ମୁହିଁ ଜାଣ
କମଳା ବିଳାସ ପ୍ରମାଣ ।୩୬

ପୀତ ବସନ ମୁହିଁ ହେଲି
ଯ ଦବ ପତି ବୋଲାଇଲି ।୩୭

ଅନନ୍ତ ନାମ ମୋର ହୋଇ
ବୈକୁଣ୍ଠ ସାଇଁ ମୁଁ ବୋଲାଇ ।୩୮

ଦୈତାରି ଅଚ୍ୟୁତଟି ହେଲି
ରାମ ନାମଟି ବୋଲାଇଲି ।୩୯

ମୁଁ ନାଗ ଦର୍ପ ଗଞ୍ଜା ହେଲି
ଅର୍ଜ୍ଜୁନ ଭଞ୍ଜା ବୋଲାଇଲି ।୪୦

କେଶୀ ସୂଦନ ନାମ ବହି
କୃପାସିନ୍ଧୁଟି ମୁଁ ବୋଲାଇ ।୪୧

ଚାଣୁର ମର୍ଦ୍ଦନ ମୁଁ ପୁଣ
ଜଗଜ୍ଜୀବନ ମୁହିଁ ଜାଣ ।୪୨

ଶଙ୍ଖ ଚକ୍ରଧାରୀଟି ମୁହିଁ
ସୁପର୍ଣ୍ଣ ସାଇଁ ମୁଁ ବୋଲାଇ ।୪୩

ମୁକୁନ୍ଦ ବିଦ୍ୟାଧର ହେଲି
ପୁରୁଷୋତ୍ତମ ବୋଲାଇଲି ।୪୪

ଗରୁଡ଼ ଆସନଟି ମୁହିଁ
ପତିତପାବନ ବୋଲାଇ ।୧୪୫
ପଦ୍ମପୁର ନାଥଟି ହେଲି
ପରମାନନ୍ଦ ବୋଲାଇଲି ।୧୪୬
ପରମ ପୁରୁଷଟି ମୁହିଁ
ନୃସିଂହ ଆଦ୍ୟମୂଳ ହୋଇ ।୧୪୭
ଆର୍ତ୍ତଙ୍କ ଭଞ୍ଜନ ମୁଁ ହେଲି
ଶକଟା ଭଞ୍ଜା ବୋଲାଇଲି ।୧୪୮
ଦୀନବନ୍ଧୁ ରାଘବ ହୋଇ
ଶ୍ରୀ ଗଙ୍ଗାଧର ମୁଁ ବୋଲାଇ ।୧୪୯
ଅଖିଳ ପତି ଘନଶ୍ୟାମ
ନୀଳାଦ୍ରି ଚନ୍ଦ୍ର ମୋର ନାମ ।୧୫୦
ବାଞ୍ଛାନିଧିଟି ମୁହିଁ ହେଲି
କରୁଣାନିଧି ବୋଲାଇଲି ।୧୫୧
ଠାକୁର ଶିରୋମଣି ହୋଇ
ଆରତ ତ୍ରାଣ ମୁଁ ବୋଲାଇ ।୧୫୨
ଶ୍ରୀରାମ ଚନ୍ଦ୍ର ମୋର ନାମ
ଅନନ୍ତ ଶଯ୍ୟନ ଯେ ପୁଣ ।୧୫୩
ବୈକୁଣ୍ଠ ବିହାରୀଟି ମୁହିଁ
ଶ୍ରୀ ଜଗନ୍ନାଥ ମୁଁ ବୋଲାଇ ।୧୫୪
ଶ୍ରୀ ରାମନାମ ମୁଁ ବହିଲି
ନୀଳାଦ୍ରି ପତି ବୋଲାଇଲି ।୧୫୫
ରଘୁନାଥଟି ମୁହିଁ ଜାଣ
ନୀଳାଦ୍ରି ନାଥ ମୁହିଁ ପୁଣ ।୧୫୬
ବୈକୁଣ୍ଠ ପତି ମୁହିଁ ହେଲି
ବୈକୁଣ୍ଠ ନାଥ ବୋଲାଇଲି ।୧୫୭
ରଘୁପତି କେଶବ ମୁହିଁ
ଜଗତ ପତି ମୁଁ ବୋଲାଇ ।୧୫୮
ନୀଳାଦ୍ରି ଦାସରଥି ହେଲି ;
ଗୋବର୍ଦ୍ଧନଟି ବୋଲାଇଲି ।୧୫୯
ମାଧବ ଜନାର୍ଦ୍ଦନ ମୁହିଁ
ଜଗତନାଥ ମୁଁ ଅଟଇ ।୧୬୦
ଆର୍ତ୍ତଙ୍କ ନାଶନଟି ପୁଣ
ବନମାଳୀଟି ମୁହିଁ ଜାଣ ।୧୬୧
ପୁଣ୍ଡରିକାକ୍ଷ ଭବଗ୍ରାହୀ
ଚିନ୍ତାମଣିଟି ମୁଁ ବୋଲାଇ ।୧୬୨
ଅନାଦି ନିରାକାର ହେଲି
ମହିମା ମେରୁ ବୋଲାଇଲି ।୧୬୩
ଜଗତ ଜୀବନଟି ମୁହିଁ
ଜଗତ ପତି ମୁଁ ବୋଲାଇ ।୧୬୪
ଭକ୍ତ ବତ୍ସଳ ମୋର ନାମ
ବାସୁଦେବଟି ମୁଁ ପ୍ରମାଣ ।୧୬୫
କୃଷ୍ଣ ଦୟାନିଧିଟି ମୁହିଁ
ମହାବାହୁଟି ମୁଁ ବୋଲାଇ ।୧୬୬
ଜଗତ ଜୀବନଟି ପୁଣ
ଶ୍ରୀକୃଷ୍ଣ ନାମ ଟି ପ୍ରମାଣ ।୧୬୭
ଶ୍ରୀହରି ଶ୍ରୀପତିଟି ମୁହିଁ
ଶ୍ରୀକୃଷ୍ଣଚନ୍ଦ୍ର ମୁଁ ବୋଲାଇ ।୧୬୮
ଶୂନ୍ୟ ପୁରୁଷ ମୁହିଁ ଜାଣ
ଆର୍ତ୍ତଙ୍କ ନାଥ ମୁଁ ପ୍ରମାଣ ।୧୬୯
ଆର୍ତ୍ତଙ୍କ ଭଞ୍ଜନଟି ମୁହିଁ
କ ସାଗର ଅଟଇ ।୧୭୦
ଚକ୍ରଧରଟି ମୁହିଁ ଜାଣ
ଚକ୍ରଧାରୀଟି ମୁହିଁ ପୁଣ ।୧୭୧
କୃପା ଜଳଧି ମୁହିଁ ହେଲି
ଗୋପାଳ ମୁହିଁ ବୋଲାଇଲି ।୧୭୨
ଦାରୁ ବ୍ରହ୍ମ ବିରାଟ ମୁହିଁ
ବିଶ୍ୱେଶ୍ୱର ଟି ମୁଁ ଅଟଇ ।୧୭୩

ଷୋଳ ଘଡ଼ି ଆଜ୍ଞା ପାଇ
ଷାଠିଏ ଦଣ୍ଡେ ଦିନ ଯାଇ ।୩୯
ଆଜ୍ଞା ପନ୍ଦର ତିଥି ହେଲ
ଅମାବସ୍ୟା ପୂର୍ଣ୍ଣିମା ଯେ କଲ ।୪୦
ଆଜ୍ଞାରୁ ଗ୍ରହଗଣ ମାନେ
ସପ୍ତବିଂଶ ନକ୍ଷତ୍ର ଗଣେ ।୪୧
ଆଜ୍ଞାରୁ ସ୍ତ୍ରୀ ପୁରୁଷ ହୋଇ
ଆଜ୍ଞାରୁ ରୂପଟି ହୁଅଇ ।୪୨
ଆଜ୍ଞାରୁ ରଜ ବୀର୍ଯ୍ୟ ମିଶି
ଶରୀର ଗଢ଼ୁଛି ବଂଶଶି ।୪୩
ଆଜ୍ଞାରୁ ହାଡ଼ ରକ୍ତ ମାଂସ
ରୋମ ନାଡ଼ି ଯେ ଶିରବାସ ।୪୪
ଅନ୍ତ ପିତ୍ତ ପୁଷ୍ଟି ପିଳୋହ୍ବ
ଚୌଷଠି ରୋଗ ଆଜ୍ଞା ପାଇ ।୪୫
ପାଞ୍ଚ ପଚିଶ ଯେ ପ୍ରକୃତି
ଏମାନେ ଆଜ୍ଞାରେ ଚଳନ୍ତି ।୪୬
ଆଜ୍ଞାରୁ ରୋଗ ମାନ ଚଳେ
ଦେହ ନାଶନ୍ତି ଅବହେଳେ ।୪୭
ଆଜ୍ଞାରୁ ନବ ଦ୍ୱାର କଲ
ଏକା ସୂତ୍ରକେ ଯେ ଖଞ୍ଜିଲ ।୪୮
ଆଜ୍ଞାରୁ ଦେଖି ଶୁଣି ଖାଇ
ଆଜ୍ଞାରୁ ବାସନା ବାରଇ ।୪୯
ଆଜ୍ଞାରୁ ମଳ ମୂତ୍ର କରେ
ଦେହ ରହୁଛି ଯେ ଆଜ୍ଞାରେ ।୫୦
ଆଜ୍ଞା ହୋଇଲେ ନାଶ ଯାଇ
ଆଜ୍ଞା ହୋଇଲେ ଜାତ କହ୍ବ ।୫୧
ଏମନ୍ତେ ଆଜ୍ଞା ତାର ହୋଇ
ଉତ୍ପତ୍ତି ପ୍ରଳୟ କରଇ ।୫୨
ଆଜ୍ଞାକୁ କର ତୁମ୍ଭ ଆଶ
ନମଇ ଅରକ୍ଷିତ ଦାସ ।୫୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଊନବିଂଶୋଽଧ୍ୟାୟଃ ।

---

## ବିଂଶ ଅଧ୍ୟାୟ

ଏବେ ସୁମନ ଶୁଣ ତୁମ୍ଭେ
ଆଜ୍ଞାରୁ ଆତ ଯାତ ହୋଇ ୧
ଆଜ୍ଞା ଯେନ ପବନ ଚଳେ
ଆଜ୍ଞା ଖଞ୍ଜାକୁ ଖଞ୍ଜା ଗୃଳେ ।୨
ଅଜ୍ଞା ଯେନଣ ନାସା ଦ୍ୱାରେ
ବାହାରେ ସ୍ୱର ଦିବସରେ ।୩
ଆଜ୍ଞାକୁ ଯେନ ସେ ପବନ
ଓଲଟ ପାଲଟ ହୋଇଣ ।୪
ଦ୍ୱାଦଶ ଯୁଣ୍ଡେ ଆତ ଯାତ
ଆଜ୍ଞା ହୋଇଲେ କରେ ହତ ।୫
ଜୀବ ପରମ ଆଜ୍ଞା ପାଇ
ଦେହକୁ ଜାତ କରେ ସେହି ।୬

ଆହାର ନିଦ୍ରା ଭୟ ହୋଇ
ମୈଥୁନ ବାୟୁ ନାଶେ ଦେହୀ ।୧୩
ଏମନ୍ତ ରୋଗ ଯାଙ୍କ ମୂଳେ
ଦେହ ନାଶନ୍ତି ଅବହେଳେ ।୧୪
ଏକାଦଶ ଇନ୍ଦ୍ରିୟେ ଥାନ୍ତି
ଚେଷ୍ଟାର ସଙ୍ଗେ ହେ ଚଳନ୍ତି ।୧୫
ତ୍ରିଗୁଣ ପାଞ୍ଚ ମନ ସଙ୍ଗେ
ପଚିଶ ପ୍ରକୃତି ତରଙ୍ଗେ ।୧୬
ଏ ଦେହେ ଯେତେ ସୈନ୍ୟ ଛନ୍ତି
କହୁଁ ନସରେ ତାଙ୍କ ଖ୍ୟାତି ।୧୭
ଜଣ ଜଣକେ ଶସ୍ତ୍ର ଧରି
ମାରନ୍ତି ଓପ୍ରୋଧ ନ କରି ।୧୮
ଏହାଙ୍କୁ ଆହାର ତୁ ଦେଇ
ପୋଷିଲୁ ଦୟା ଭାବ ବହି ।୧୯
ଆହାର ଖାଇ ମତ୍ତ ହେଲେ
ଆମ୍ଭଙ୍କୁ ନାନା କଷ୍ଟ ଦେଲେ ।୨୦
ଆଜ୍ଞା ପାଇଣ ତୁମ୍ଭ ମୁହିଁ
ଏ ଦେହ ଧରିଣ ଅଛଇ ।୨୧
ଆଜ୍ଞା ପାଇଲେ ଆମ୍ଭେ ଯିବା
ପ୍ରକୃତି ଦେହକୁ ଛାଡ଼ିବା ।୨୨
ଏମାନେ ସର୍ବେ ନାଶ ଯିବେ
ଦେହକୁ କେହି ନ ରଖିବେ ।୨୩
ଦେଖ ଅଜ୍ଞାନ ଯାଙ୍କ ମତି
ଆମ୍ଭଙ୍କୁ ମାରି ଲୋଡ଼ୁ ଛନ୍ତି ।୨୪
ଆମ୍ଭେ ନିର୍ଗଣ ଯେବେ ହେବା
ଆଜ୍ଞା ପାଇ ଦେହ ଛାଡ଼ିବା ।୨୫
ଦେହ ପୃଥ୍ୱିରେ ପଡ଼ି ଥିବ
ବଚନେ କାହିଁ ଯେ ହଜିବ ।୨୬

କଣ୍ଠେ ଶବଦ ଯିବ କାହିଁ
ନୟନ ଜ୍ୟୋତି ହତ ହୋଇ ।୨୭
ନାସାର ପବନ ହଜିବ
ଦେହଟି ସ୍ତମ୍ଭୀଭୂତ ହେବ ।୨୮
ଖଞ୍ଜାକୁ ଖଞ୍ଜା ନ ଚଳଇ
ଚଳିବା ଲୋକ ଗଲା କାହିଁ ।୨୯
ଶବଦ ନିଶବଦ ହେବ
ରକ୍ତ ମାଂସଟି ମିଳିଯିବ ।୩୦
ଏ ଯେ ପ୍ରକୃତି ଗଣମାନେ
କାହିଁ ରହିବେ କେଉଁ ସ୍ଥାନେ ।୩୧
ଏହା ନଜାଣି ମୂର୍ଖ ପଣ
ଆମ୍ଭଙ୍କୁ ମାରିବା ପାଇଁଣ ।୩୨
ଅକ୍ଷୟ ଦେହ ଆମ୍ଭ ହୋଇ
ଖଡ଼ଗେ କେବେ ନ ଛିଡ଼ଇ ।୩୩
ଅଗ୍ନିରେ ନ ପୋଡ଼ଇ ପୁଣ
ଜଳରେ ନ ବୁଡ଼ଇ ଜାଣ ।୩୪
ପବନେ କେବେ ନ ଉଡ଼ଇ
ଛିଡ଼ିବା ବଢ଼ିବା ନୁହଇଁ ।୩୫
ଶୁଖଇ ନାହିଁ ସଦାକାଳେ
ନବ ଯୁବାଟି ସବୁ ବେଳେ ।୩୬
ଶରୀର ବଢ଼ଇ ଛାଡ଼ଇ
ପ୍ରକୃତି ବଳେ ବାସ ପାଇ ।୩୭
ଏହାତ ଜାଣି ନ ପାରିଲୁ
ତାଙ୍କ ସଙ୍ଗରେ ବସ ହେଲୁ ।୩୮
ତାଙ୍କୁ ଆହାର ଦେଲୁ ତୁହି
ତେଣୁଟି ପ୍ରବର୍ତ୍ତିଲେ ସେହି ।୩୯
ଏବେ ତୁ ମୋର ବୋଲ ଶୁଣ
ଅଳ୍ପ ଆହାରେ ରହ ପୁଣ ।୪୦

ତାଙ୍କର ବଳ ବୀର୍ଯ୍ୟ ହର
ସର୍ବେ ଖଟିବେ ତୋ ପୟର ।୪୧
ନିର୍ବଳ ହେବ ତାଙ୍କ ଦେହୀ
ସର୍ବେ ରହିବେ ଶାନ୍ତ ହୋଇ ।୪୨
ତେବେଟି ଏ ଦେହ ରହିବ
ଛୁଟିବା ବଢ଼ିବା ନୋହିବ ।୪୩
ନବ ଯୁବାହି ସବୁଦିନ
ଆମ୍ଭର ପ୍ରାପ୍ୟ ହେବୁ ପୁଣ ।୪୪
ଅକ୍ଷୟ ଅମର ହୋଇବ
ପ୍ରଳୟ କାଳେ ସେ ନଯିବ ।୪୫
ହେ ମନ କହିଲି ନିକର
ପାରିଲେ ରଖ ଏ ଶରୀର ।୪୬
ମନ ବୋଲଇ ସ୍ୱାହି ସ୍ୱାହି
ଦୟା ତୁ କର ଭବଗ୍ରାହୀ ।୪୭
ତୁମ୍ଭର ଦୟା ଯେ ନଥିଲେ
ଏହାଙ୍କୁ କେ ଜାଣିବ ଭଲେ ।୪୮
ଏବେ କଞ୍ଚରେ ଦୟାକର
ଆମ୍ଭୁତ ନାହିଁ ଯେ ମୋହର ।୪୯
ଏ ଦେହେ ରାଜପଣ ଦେଲ
ପ୍ରକୃତି ଗଣ ସମର୍ପିଲ ।୫୦
ସମ୍ପତ୍ତି ପଟଳେ ପଡ଼ିଲି
ତୁମ୍ଭର ସେବା ମୁଁ ଛାଡ଼ିଲି ।୫୧
ହେ ପ୍ରଭୁ ସର୍ବଜ୍ଞ ପୁରୁଷ
ଅର୍ଜିତ ଦାସ ରହୁ ପାଶ ।୫୨
ଆହେ ସୁଜନ ଜନେ ଶୁଣ
ମହୀମଣ୍ଡଳେ ମୁଁ ଭ୍ରମିଣ ।୫୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚବିଂଶୋଽଧ୍ୟାୟଃ ।

## ଷଡ଼୍ ବିଂଶ ଅଧ୍ୟାୟ

ହେ ମନ ଶୁଣ ମୋର ବାଣୀ
ତୁ ଏକ ଭାବ କର ପୁଣି ।୧
କ୍ଷୁଧା ତୃଷାକୁ ତୁ ଜିଣିବୁ
ନିଦ୍ରା ଭୟକୁ ତୁ ଛାଡ଼ିବୁ ।୨
ତେବେ ପ୍ରକୃତିଗଣ ମାନ
ଜଣି ଦେଖିବୁଟି ସମାନ ।୩
ତୁଚ୍ଛ ମୁହିଁଟି ତୁଚ୍ଛ ସେହି
ସର୍ବ ସମାନ ଦେଖ କହି ।୪
ଇନ୍ଦ୍ରଙ୍କଠାରୁ ଯେତେ ଦେବ
ସମାନ ଦେଖିବୁଟି ସର୍ବ ।୫
ଗୃଣ୍ଡାଙ୍କୁ ବ୍ରହ୍ମ ଯାଏ ତୁହି
ସର୍ବ ସମାନ ଦେଖ କହି ।୬
ମେରୁଠାରୁ ଯେତେ ପର୍ବତ
ସମାନ ଦେଖୁଥିବୁ ତୁତ ।୭
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ସମାନ ଦେଖୁଥିବୁ ନିତ୍ୟେ ।୮

ଓଁକାରୁ କୁବୁଦ୍ଧି ସୁବୁଦ୍ଧି
ଧର୍ମ ଅଧର୍ମ ଯେ ପ୍ରସିଦ୍ଧି ।୨୭
ସାତଶ ବାସ୍ତବ ଯେ ନାଡ଼ି
ଓଁକାରୁ ହୋଇଛନ୍ତି ଜଡ଼ି ।୨୮
ରକ୍ତ ମାଉଁସ ହାଡ଼ ଚର୍ମ
ଓଁକାରୁ ସମସ୍ତ ଉଆଣ ।୨୯
ଓଁକାରୁ ନବଦ୍ୱାର କଲା
ଶବଦ ରୂପେ ବାହାରିଲା ।୩୦
ନୟନେ ଦେଖଇ ଶୁଣଇ
ନାସାରେ ବାସନା ବାରଇ ।୩୧
ଜିହ୍ୱାରେ ସ୍ୱାଦ ସେ ବାରିଲା
ଏକା ଓଁକାର ଭିନ୍ନ କଲା ।୩୨
ଏକା ଓଁକାର ଚାରି ବେଦ
ନବ ଦ୍ୱାରରେ ଏ ସମ୍ଭବ ।୩୩
ଷଡ଼ ଚକ୍ର ପଞ୍ଚାଶ ଦଳ
ଓଁକାର ରୂପେ ସବ୍ବ ଠୂଳ ।୩୪
ଓଁକାର ଦେହରେ ପୂରିଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୩୫
ଓଁକାର ସବ୍ବ ଜାତ କରେ
ଓଁକାର ସବ୍ବ ଯେ ସଂହାରେ ।୩୬
ଆଜ୍ଞାରୁ ଓଁକାର ଜନ୍ମିଲା
ପୃଥିବୀଟି କି ଜାତ କଲା ।୩୭
ସ୍ୱର୍ଗ ମର୍ତ୍ତ୍ୟ ପାତାଳ କରି
ଓଁକାର ରୂପେ ସେ ବାହାରି ।୩୮
ଚନ୍ଦ୍ର ସୂର୍ଯ୍ୟ ଯେ ତାରା ଗଣ
ଉଆଣ କଲା ସେହୁ ପୁଣ ।୩୯
ଜଳ ପବନ ଅଗ୍ନି ସେହି
ଜାତଟି କଲା ସବ୍ବ ଦେହୀ ।୪୦

ତେତିଶ କୋଟି ଦେବ କହି
ଓଁକାରୁ ସର୍ବ ଜାତ ହୋଇ ।୪୧
ବ୍ରହ୍ମା ବିଷ୍ଣୁ ଶିବଙ୍କି ଆପେ
ଜାତ କରି ସଂହାରି କୋପେ ।୪୨
ଲୀଳା ନିମନ୍ତେ ଇଚ୍ଛା ହୋଇ
ଜାତ କଲାଟି ସର୍ବ ଦେହୀ ।୪୩
ନିଷ୍କଳ ଶ୍ୱେଦ କୋଟି ଜାଣ
ଓଁକାରୁ ଜନ୍ମିଲେଟି ଶୁଣ ।୪୪
ଚଳନ୍ତା ଶ୍ୱେଦ କୋଟି ହୋଇ
ଓଁକାରୁ ସର୍ବ ଜାତ କହି ।୪୫
ବୁଡ଼ା ଚଉଦ କୋଟି ହେଲେ
ଓଁକାରୁ ସର୍ବ ଜାତ କଲେ ।୪୬
ଉଡ଼ା ଚଉଦ କୋଟି ଜାଣ
ଓଁକାରୁ ଜାତ ହେଲେ ପୁଣ ।୪୭
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଓଁକାରୁ ଜନ୍ମିଲେ ସମସ୍ତେ ।୪୮
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଓଁକାରୁ ଜାତ ଏ ପ୍ରତ୍ୟକ୍ଷ ।୪୯
ଗୁଣ୍ଡ୍ରାରୁ ବ୍ରହ୍ମ ଯାଏ ଜାଣ
ଓଁକରୁ ଜନ୍ମିଲେଟି ପୁଣ ।୫୦
ମେରୁ ଠାରୁ ଯେତେ ପର୍ବତ
ଓଁକାରୁ ଜାତ ଏ ସମସ୍ତ ।୫୧
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଓଁକାରୁ ଜାତ ହେଲେ ସର୍ବ ।୫୨
ସିଂହରୁ [illegible] ଯାଏ
ଓଁକାରୁ ସର୍ବ ଜାତ କହେ ।୫୩
ଏକା ଓଁକାର ନାନା ବର୍ଣ୍ଣ
ଭିନ୍ନଟି ନାହିଁ ଦେଖ ସମ ।୫୪

ଏ ଦେହେ ମଳ ମୂତ୍ର ଅଛି
କେତେ ଆଗ୍ରହ କରୁ ବାଛି ୨୭
ଦନ୍ତ ମୂଳରେ ବିଷ୍ଠା ଥୋଇ
କେତେ ଆଗ୍ରହ କରୁ ଭୁଞ୍ଜି ।୨୮
ବିଷ୍ଠା ବୋଲଣ କାହୁଁ ଆସି
କହୁଛି ଶୁଣରେ ବିଶେଷି ।୨୯
ନାନା ପଦାର୍ଥ ଆଣି କରି
ମୁଖରେ ନେଇ ପେଟ ଭରି ।୩୦
ଜଠର ଅଗ୍ନି ତହିଁ ଥାଇ
ସିଝିଣ ଦ୍ରବ୍ୟ ପାକ ହୋଇ ।୩୧
ତହିଁରୁ ରସ ନିଗଡନ୍ତେ
ରକ୍ତ ମାଉଁସ ହାଡ ହୁଅନ୍ତେ ।୩୨
ତହିଁରୁ ସିଠାଟି ଯେତେକ
ଗୁହ୍ୟରେ ବାହାର ଦେତେକ ।୩୩
ସେ ସିଠା ଅତି ଶୁଦ୍ଧ ଜାଣ
ଜଠର ଅଗ୍ନିରେ ସିଝିଣ ।୩୪
ସେ ସିଠା ବିଷ୍ଠା ବୋଲାଇଲା
ତହିଁରୁ ବାସ ପ୍ରକାଶିଲା ।୩୫
ସେ ବିଷ୍ଠା ମଳଦ୍ୱାରେ ଯାନ୍ତେ
ବାସନା ନେଉ ନାସାଗ୍ରତେ ।୩୬
ବିଷ୍ଠାଟି ନିତ୍ୟେ ଖାଉଅଛୁ
କିସ ଆଗ୍ରହ କୁ କରୁଛୁ ।୩୭
ସେ ବିଷ୍ଠା ଅତି ଶୁଦ୍ଧ ଜାଣ
କ୍ଷୀରରୁ ଘୃତଟି ଯେସନ ।୩୮
ବିଷ୍ଠାଟି କ୍ଷୀର ବୋଲି କହି
ତହିଁରୁ ଘୃତ ବାହାରଇ ।୩୯
ସେ ଘୃତ ରକ୍ତ ମାଂସ ହେଲା
ଏଥିରେ ଅଭେଦ ରହିଲା ।୪୦

ଯାହାର ଅନୁଭବ ଥିବ
ପ୍ରଭୁ ଦୟା ଭେଦ ଜାଣିବ ।୪୧
ପ୍ରଭୁଙ୍କ ଦୟା ଯେ ନଥିଲେ
ଏ ଭେଦ ନ ଜାଣିବ ଭଲେ ।୪୨
ଏ ଭେଦ ନ ଜାଣନ୍ତି କେହି
ମଉନ୍ତି ଆଗ୍ରହୀ ସେ ହୋଇ ।୪୩
ଏ ଦେହ ଜନ୍ମ ଅଣାଗ୍ରହ
ଆଉ କଥାଏ ହେତୁ କର ।୪୪
ଦେଖ ଅଣାଗ୍ରହ ପବନ
ତାଙ୍କ ଠାରୁ କେ ବଡ଼ ପୂଣ ।୪୫
ଦେଖ ଜଳଟି ଅଣାଗ୍ରହ
ତାଙ୍କଠାରୁ କି ବଡ଼ ନର ।୪୬
ଦେଖ ଅଗ୍ନିଟି ଅଣାଗ୍ରହେ
ତାଙ୍କଠାରୁ କି ବଡ଼ ନରେ ।୪୭
ପୃଥିବୀ ଅଣାଗ୍ରହ କହି
ବଢ଼ୁଛି କ୍ଷୟେ କେବେ ନାହିଁ ।୪୮
ତାଙ୍କଠାରୁ କି ବଡ଼ ଜାଣ
ମରୁ ଅଛୁରେ ନ ଚେତିଣ ।୪୯
ଦେଖ ସୂର୍ଯ୍ୟଟି ଅଣାଗ୍ରହ
ତାଙ୍କଠାରୁ କି ବଡ଼ ନର ।୫୦
ଦେଖ ଚନ୍ଦ୍ରଟି ଅଣାଗ୍ରହେ
ତାଙ୍କଠାରୁ କି ବଡ଼ ନରେ ।୫୧
ଆକାଶ ଅଣାଗ୍ରହ କହି
ତାଙ୍କଠାରୁ କି ବଡ଼ ତୁହି ।୫୨
ବ୍ରହ୍ମା ବିଷ୍ଣୁ ଶିବ ଏ ତିନି
ଅଣାଗ୍ରହେ ଭ୍ରମେ ମେଦିନୀ ।୫୩
ୟାଙ୍କଠାରୁ କି ବଡ଼ ନରେ
କି ଆଗ୍ରହ କରେ ସଂସାରେ ।୫୪

ହେ ବ୍ରହ୍ମ ଲୋଭ ଯେ ନିର୍ଲୋଭ
ନଜାଣେ ଆହେ ପଦ୍ମନାଭ ।୫୩
ହେ ବ୍ରହ୍ମ କ୍ରୋଧ ଅକ୍ରୋଧ ହିଁ
ନଜାଣେ ତୁମ୍ଭ ଆଶ୍ରେ ରହି ।୫୪
ହେ ବ୍ରହ୍ମ ବିଷୟୀ ନଜାଣି
ନଜାଣେ ନିର୍ବିଷୟୀ ପୁଣି ।୫୫
ହେ ବ୍ରହ୍ମ ଭୟ ଯେ ନିର୍ଭୟ
ନଜାଣେ ଆହେ ମୃତ୍ୟୁଞ୍ଜୟ ।୫୬
ହେ ବ୍ରହ୍ମ ନିଦ୍ରା ଅନିଦ୍ରା ହିଁ
ନଜାଣେ ତୁମ୍ଭ ଆଶ୍ରେ ଥାଇ ।୫୭
ହେ ବ୍ରହ୍ମ ଜନ୍ମ ମୃତ୍ୟୁ ପୁଣ
ନଜାଣେ ଆଶ୍ରେ ଶ୍ରୀ ଚରଣ ।୫୮
ହେବ୍ରହ୍ମ କ୍ଷୁଧା ଅକ୍ଷୁଧା ହିଁ
ନଜାଣେ ତୁମ୍ଭ ଆଶ୍ରେ ଥାଇ ।୫୯
ହେ ବ୍ରହ୍ମ ତୃଷା ଯେ ଅତୃଷା
ନଜାଣେ ତୁମ୍ଭରେ ଭରସା ।୬୦
ହେ ବ୍ରହ୍ମ ଶୀତ ଅଶୀତ ହିଁ
ନଜାଣେ ତୁମ୍ଭ ଆଶ୍ରେ ଥାଇଁ ।୬୧
ହେ ବ୍ରହ୍ମ ଗମ୍ୟ ଯେ ନଗମି
ନଜାଣେ ମୁହିଁ ଦେବସ୍ୱାମୀ ।୬୨
ହେ ବ୍ରହ୍ମ କାମ କନ୍ଦର୍ପ ହିଁ
ନଜାଣେ ତୁମ ଆଶ୍ରେ ଥାଇ ।୬୩
ହେ ବ୍ରହ୍ମ ହେତୁ ମୁଁ ନଜାଣି
ନଜାଣେ ଅଣହେତୁ ପୁଣି ।୬୪
ହେ ବ୍ରହ୍ମ ନାନା ରୋଗଛନ୍ଦ
ନଜାଣେ ତୁମ୍ଭ ଭାବ ଚନ୍ଦ ।୬୫
ହେ ବ୍ରହ୍ମ ପାଞ୍ଚ ମନ ମୁହିଁ
ନଜାଣେ ତୁମ୍ଭ ଆଶ୍ରେ ଥାଇ ।୬୬

ହେ ବ୍ରହ୍ମ ପଚିଶ ପ୍ରକୃତି
ନଜାଣେ ତୁମ୍ଭ ଅଶ୍ରା ଗତି ୬୭
ହେ ବ୍ରହ୍ମ ଇନ୍ଦ୍ର ଏକାଦଶ
ନଜାଣେ ତୁମ୍ଭ ନାମେ ଆଶ ।୬୮
ହେ ବ୍ରହ୍ମ ଷଡ଼ ରିପୁ ଛନ୍ଦ
ନଜାଣେ ତୁମ୍ଭ ନାମ ଚନ୍ଦ ।୬୯
ହେ ବ୍ରହ୍ମ ତ୍ରିଗୁଣହିଁ ଅଛୁ
ନଜାଣେ ଆହେ ଶୀରବଚ୍ଛି ।୭୦
ହେ ବ୍ରହ୍ମ ଏସର୍ବଙ୍କୁ ନାହିଁ
ଛାଡ଼ନ୍ତି ତୁମ୍ଭ ଆଶ୍ରେ ରହି ।୭୧
ହେ ବ୍ରହ୍ମ କାହାକୁ ନଜଗେ
ତୁମ୍ଭ ଆଶ୍ରିତେ ସର୍ବ ତ୍ୟାଗେ ।୭୨
ହେ ବ୍ରହ୍ମ ତୁମ୍ଭ ଭରସାରେ
ନ ଜଗେ କାହାକୁ ଦେହରେ ।୭୩
ହେ ବ୍ରହ୍ମ ସର୍ବ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି ।୭୪
ହେ ବ୍ରହ୍ମ ଯାହା କଲେ କର
ମୁହିଁ ପାପିଷ୍ଠ ଦୁରାଚାର ।୭୫
ହେ ବ୍ରହ୍ମ ଶରଣ ମୁଁ ତୋରେ
ନିବାଶ ନୁହଁ ମୋ ଶରୀରେ ।୭୬
ହେ ବ୍ରହ୍ମ ଶରଣ ପଶିଛି
ଦୟା ନକଲୁ ଶୀରବଚ୍ଛି ।୭୭
ହେ ବ୍ରହ୍ମ ଶରଣ ସୋଦର
ଅନ୍ୟ ଭରସା ନାହିଁ ମୋର ।୭୮
ହେ ବ୍ରହ୍ମ ଶରଣ ରକ୍ଷଣ
ନିର୍ଦ୍ଦୟ ନହୁଅ ଆପଣ ।୭୯
ହେ ବ୍ରହ୍ମ କ୍ଷମା ସିନ୍ଧୁ ହୋଇ
ମୋ ଦୋଷ ନ ଦେଖିବୁ ତୁହି ।୮୦

ହେ ବ୍ରହ୍ମ ନ ଦେଲୁ ତୁ ଜାଣ
ଏବେ ମୋ ଦୋଷ ନାହିଁ ପୁଣ ।୩୯
ହେ ବ୍ରହ୍ମ ତୁମ୍ଭ ପାଦେ ଆଶା
କର ଅନୁକ୍ଷଣେ ଭରସା ।୪୦
ହେ ବ୍ରହ୍ମ ତୁଂଭ ଦୟା ଯେଣୁ
ଗୀତା ଲେଖନ କଲା ତେଣୁ ।୪୧
ହେ ବ୍ରହ୍ମ ଭକ୍ତି ମୁଁ ମାଗନ୍ତେ
ମାୟା ସିନା କରୁଛ ମୋତେ ।୪୨
ନୋହିଲେ ଦୟା ଅଛି ତୋର
ଏହା ମୁଁ ଜାଣିଛି ହୃଦାର ।୪୩
ତୁଂଭର ଦୟା ଯେଣୁ ମୋରେ
ଏ ଗୀତା ପାଞ୍ଚିଲ ହୃଦରେ ।୪୪
ନୋହିଲେ ମୁଁ କସ ପାଞ୍ଚନ୍ତ
ପଦେ ତ କହି ନ ପାରନ୍ତ ।୪୫
ତୁମ୍ଭ ଦୟାରୁ ପରକାଶ
ଦୋଷ ନ ଧର ପୀତବାସ ।୪୬
ହେ ବ୍ରହ୍ମ ଦେବ ନାରାୟଣ
ଅର୍ଷିତ ଦାସ ତୁ ଶରଣ ।୪୭
ଆହେ ସୁଜନମାନେ କହି
ମୋ ଦୋଷ ନ ଘେନବ କେହି ।୪୮
ଏ ଗୀତା ଯେ ଜନ ପଢିବ
ପ୍ରଭୁଙ୍କ ଦୟା ତାଙ୍କୁ ହେବ ।୪୯
ଧନାଢ୍ୟ ପୁତ୍ର ବାଞ୍ଛା ଯେତେ
ମାଗିଲେ ପାଇବ ସେ ଚିତ୍ତେ ।୫୦
ଯେ ଜନ ଭକତି ଇଚ୍ଛିବ
ପ୍ରଭୁ ଯା ଠାରେ କୃପାଥିବ ।୫୧
ତେବେ ଟି ଏ ଗୀତାର ଅର୍ଥ
ଜାଣିବ ସିନା ସେହି ତଥ୍ୟ ।୫୨
ନୋହିଲେ ସେ ଜାଣିବ କାହିଁ
ପ୍ରଭୁ କୃପା ଯା ଉଠାଠ ନାହିଁ ।୫୩
ଏ ଗୀତାରେ ଟି ଭକ୍ତି ଅଛି
ଏଥିରେ ଆଉ ନାହିଁ କିଛି ।୫୪
ଯେ ଜନ ଭକତି ଇଚ୍ଛିବ
ପଢ଼ି ଅନୁଭବେ ବାଣ୍ଟିବ ।୫୫
ଯେବେ ସେ ସାଧିବ ନିକର
ଯୁଗ ଯୁଗାନ୍ତେ ସେ ଅମର ।୫୬
ପ୍ରଭୁ କୃପା ତା ଠାରେ ହେବ
ତା ସଙ୍ଗ କ୍ଷଣେ ନଛାଡ଼ିବ ।୫୭
ଏମନ୍ତେ ସେ ଯୋଗ ମହିମା
କସ କହିବ ତାର ସୀମା ।୫୮
ମୋତେ ପ୍ରଭୁଙ୍କ ଦୟା ଥିଲା
ଏ ଗୀତା ହୃଦରେ ସ୍ଫୁରିଲା ।୫୯
ମୋହର ଅନୁଭବ ଯେତେ
ଗୀତାରୁ ଶୁଣ ହେ ସମସ୍ତେ ।୬୦
ପ୍ରଭୁ ଦୟାରୁ ଗୀତା କଲି
ଏଥିର ଭେଦ ନ ପାଇଲି ।୬୧
ମହା ଗୁପତ ଗୀତା ଏହି
ଏଥିରେ ଥଳ କୂଳ ନାହିଁ ।୬୨
କଣ ମୁଁ ଥଳ ନ ପାଇଲି
ଭ୍ରମି ଭ୍ରମିଣ ମୁଁ ଫୁଟିଲି ।୬୩
ପ୍ରଭୁ ନିର୍ଦ୍ଦୟ ମୋର ଠାରେ
ଭକ୍ତି ନ ଦେଇ ମାୟା କରେ ।୬୪
ମୋତେ ସେ ତାରନ୍ତୁ ମାରନ୍ତୁ
ଯା ଇଚ୍ଛା ତାହା ସେ କରନ୍ତୁ ।୬୫
ଭକତି ଯୋଗ ବିନୁ ଆନ
ମଲେ ନ ସାଧେ କେଉଁ ଜ୍ଞାନ ।୬୬

ଅରୂପା ନନ୍ଦ ଶ୍ୟାମଘନ
ରୁକ୍ମଣି ରଘୁ ନନ୍ଦନ ।୩୨
ବୈକୁଣ୍ଠ ନାୟକ ତୋ ନାମ
ରଘୁକୁଳ ତିଳକ ପୁଣ ।୩୩
ନୀଳାଚଳ ବୃନ୍ଦାବଳ ହିଁ
ଜଗ ମୋହନ ନାମ ବହି ।୩୪
ଯଜ୍ଞପତି ରଥାଙ୍ଗ ପାଣି
ଆତ୍ମ ଯୋନି ଯେ ନାମ ପୁଣି ।୩୫
ଅନନ୍ତ ଶ୍ରୀ ଭୂମ୍ବର ନାମ
ତୁମ୍ଭେ ଯେ ଜନ୍ମ ମୃତ୍ୟୁ ପୁଣ ।୩୬
ଅଯୋଧ୍ୟା ନାୟକ କୃତଘ୍ନ
ଦ୍ୱାରକା ନାୟକ ନିର୍ଗୁଣ ।୩୭
ବର ପଞ୍ଜର ଉଦ୍ଧାରଣ
ଜାନକୀ ବଲ୍ଲଭ ବ୍ୟାଖ୍ୟାନ ।୩୮
ନୀଳାଦ୍ରି ନାୟକ ତୋ ନାମ
ଅଚଳ ସତ୍ୟ ନାରାୟଣ ।୩୯
ତୁ ପୁଷ୍ଟ ଖଗ ଯେ ବହନ
ରଣପ୍ରିୟ ଯେ ଶରାସନ ।୪୦
ତୁ ନିଷ୍ଠା ଶାନ୍ତ ପରାୟଣ
ଶୁଭାଙ୍ଗୀ ନାମ ଶଙ୍କର୍ଷଣ ।୪୧
ଖଣ୍ଡ ପରଶୁ ବିଶୋଧନ
ତୁ ଧନ୍ୱା ଶୋକ ବିନାଶନ ।୪୨
ହଲାୟୁଧ ଶ୍ରୀ ମହାବୀର
ତୁ ଶ୍ରୀ ନିବାସ ଯେ ଶ୍ରୀଧର ।୪୩
କେଶୀହା ସତ୍ୟ ପରାୟଣ
ତୁ ଅନିର୍ଦ୍ଦେଶ୍ୟ ବପୁ ପୁଣ ।୪୪
ତୁ ପ୍ରତିରଥ କୃପାଗମ୍ୟ
ତୁ ମହାବେଗ ମହାକର୍ମୀ ।୪୫
ତୁ ମହାକର୍ମା ବିଶ୍ୱମୂର୍ତ୍ତି
ତୁ ବସୁରେତା ପ୍ରଜାପତି ।୪୬
ତୁ ଲୋକ ବନ୍ଧୁ ପ୍ରଜାଗର
ଧନୁର୍ବେଦ ସର୍ବଙ୍ଗ କର ।୪୭
ଏ ସର୍ବ ନାମ ତୁମ୍ଭେ ବହି
ଭକତେ ଦେଇଛନ୍ତି କହି ।୪୮
ତୋ ନିଜ ନାମଟି ଅଦୃଶ୍ୟ
କହୁଛି ଅରକ୍ଷିତ ଦାସ ।୪୯
ଆହେ ସୁଜନମାନେ କହି
ନିଜ ନାମ ଗୋପନେ ରହି ।୫୦।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଏକପଞ୍ଚାଶତୋଽଧ୍ୟାୟଃ ।

---

# ଦ୍ୱିପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ମୁଁ କହୁଛି
ଆଜ ଯେତେ ନାମ ତୋ ଅଛି ।୧।
ସେ ନାମ କହୁଅଛି ଶୁଣ
ଭକତେ ଦେଇଛନ୍ତି ପୁଣ ।୨
ଅନେକ ମୂର୍ତ୍ତି ବିଶୋଚନ
ହେମାଙ୍ଗୀ ଭୟ ଯେ ନାଶନ ।୩

ମୋ ବିନୁ ବ୍ରହ୍ମାଣ୍ଡ ଭିତରେ
ନାହାନ୍ତି କେହି ଯେ ସଂସାରେ ୭୧
ଛପନ କୋଟି ଜୀବ ମୁହିଁ
ମୋ ବିନୁ ଅନ୍ୟ କେହି ନାହିଁ ।୭୨
ଏମନ୍ତେ ବୋଲି ମନେ ମନେ
ସର୍ବ ଦେଖିବ ସମାଧାନେ ।୭୩
ସେଠି ଅମର ହୋଇ ରହେ
ନୋହିଲେ ଦେହ ଗୁଡ଼ି ଯାଏ ।୭୪
କହଇ ଅରକ୍ଷିତ ଦାସ
ଏକରୁ ଦୁଇଟି ପ୍ରକାଶ ।୭୫
ଆହେ ସୁଜନ ମାନେ କହି
ସ୍ତ୍ରୀ ପୁରୁଷ ଏକ ଦେହୀ ।୭୬
ଏକା ଅଙ୍ଗ ଜୀବ ପରମ
ସର୍ବ ଘଟରେ ପରିପୂର୍ଣ୍ଣ ।୭୭
ଏ ଦୁଇ ଏକ ମୁଁ ନକର
ଭ୍ରମୁଛି ମାୟା ପଥ ଧର ।୭୮
ପ୍ରଭୁଙ୍କ ଦୟା ମୋତେ ନାହିଁ
ଆହେ ସୁଜନ ମାନେ କହି ।୭୯
ଖଣ୍ଡଗିରିରେ ମୁହିଁ ରହି
ଜୀବକୁ ନଚିହ୍ନି ଭ୍ରମଇ ।୮୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ପଞ୍ଚଷଷ୍ଟିତମୋଽଧ୍ୟାୟଃ ।

---

# ଷଟ୍‌ଷଷ୍ଟିତମ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଉଠି କପୋଳେ କର ଯୋଡ଼ି ।୧
ହେନାଥ ଜଗତ ଜୀବନ
ବ୍ରହ୍ମ ବିଚାର କହ ପୁଣ ।୨
ସଂସାରେ ଯେତେ ଆତଯାତ
ଏ ସର୍ବ ସୃଷ୍ଟି ଜାଣ ସତ୍ୟ ।୩
ପୁରୁଷ କଥା ମୋତେ କହ
ଯେବେ ତରିବ ମାୟା ମୋହ ।୪
ଅର୍ଥରେ ମୋତେ କହି ଦେବ
ଯେବେ ମୋଠାରେ ଦୟା ଥିବ ।୫
ବ୍ରହ୍ମକୁ କେମନ୍ତେ ଭାବିବ
କହ ହେ କେମନ୍ତେ ଚିହ୍ନିବ ।୬
ସେ ବ୍ରହ୍ମ କଥା ଅଗୋଚର
କହ ହେ ଭ୍ରମ ଯାଉ ମୋର ।୭
ମନ ମୁଖରୁ ଶୁଣି ଏହା
ସେ ବ୍ରହ୍ମ ଯାକୁ କରେ ଦୟା ।୮
ତାହାକୁ ଦୃଶ୍ୟ ଯେ ହୁଅନ୍ତି
ନୋହିଲେ ଦୃଶ୍ୟ ଯେ ନୁହନ୍ତି ।୯
ସେ ବ୍ରହ୍ମ କଥା ଶୁଣ କହି
ହେ ମନ ତାକୁ ଭାବ ତୁହି ।୧୦

ଶୁଣ ହୋ ମନ, ଏ ମାନଙ୍କୁ କେବେ ନ ଜଗଇ । ଗୁରୁ ବେଦ, ଯୋଗାନ୍ତ, ବେଦାନ୍ତ, ସିଦ୍ଧାନ୍ତ, ନାଗାନ୍ତ, ଶୁଣ ହୋ ମନ ଏମାନଙ୍କୁ କେବେ ନ ସାଧିଇ । ନ ଜଗଇ, ବ୍ରହ୍ମକୁ ଯେବେ ଚିହ୍ନି ଥାଇ ଭଜନ, ସ୍ମରଣ, ଅର୍ଚ୍ଚନ, ବନ୍ଦନ, ଜ୍ଞାନ, ଧ୍ୟାନ, ଜପ, ମନ୍ତ୍ର, ଯୋଗ ସ୍ନାନ, ଲିପ୍ତ, ତୀର୍ଥ, ବ୍ରତ, ଉପାସ, ଶୁଣ ହୋ ମନ, କେବେ ନ ଜଗଇ, କେବେ ନ ଜଗଇ । ନାନା ତୀର୍ଥ, ନାନାବିଧ ଉପାସ, ନାନାବିଧ ଯୋଗ, ନାନାବିଧ ଜ୍ଞାନ, ନାନାବିଧ ଧ୍ୟାନ, ନାନାବିଧ ନାମ, ନାନାବିଧ ଭକ୍ତି, ନାନାବିଧ ସ୍ମରଣ, ନାନାବିଧ ଜପ, ନାନାବିଧ କୀର୍ତ୍ତନ, ନାନାବିଧ ଭ୍ରମଣ, ନାନାବିଧ ତିଳକ, ନାନାବିଧ ମନ୍ତ୍ର, ନାନାବିଧ ଯନ୍ତ୍ର, ନାନାବିଧ କଳପ ନାନାବିଧ ମହୌଷଧି, ନାନାବିଧ ଦେବତା, ନାନାବିଧ ଚଣ୍ଡୀ, ଚାମୁଣ୍ଡା, ନାନାବିଧ ଭୂତପ୍ରେତ, ନାନାବିଧ ଡାଏଣୀ; ନାନାବିଧ ଚଉଗୁଣୀ, ଶୁଣ ହୋ ମନ, ଏ ସବୁଙ୍କୁ କେବେ ନ ଜଗଇ; କେବେ ନ ଭଜଇ, କେବେ ନ ସାଧଇ, କେବେ ଭୟ ନ କରଇ, ମନେ ନ ଗଣଇ, ଏହାକୁ ସମାନ କରି ବୋଲଇ ମୁହିଁ ମୋ ବିନୁ ଅନ୍ୟ ନାହିଁ; ମୁହିଁ ଟି ସଂସାରେ ଗୋଟି ଅଛୁ, ମୁହିଁ ଟି ସ୍ୱୟଂ ବ୍ରହ୍ମ, ଏମନ୍ତେ ମନେ ପାଞ୍ଚି ସର୍ବ ସମାନ କରି ମଣଇ, ନାନାବିଧ ବୃକ୍ଷ, ନାନାବିଧ ପୁଷ୍ପ, ନାନାବିଧ ଫଳ, ନାନାବିଧ ମାଟି, ନାନାବିଧ ଗୋଡି ନାନାବିଧ ପାଷାଣ, ନାନାବିଧ ପକ୍ଷୀ ଜନ୍ତୁ ନାନାବିଧ ପୋକ; ନାନାବିଧ ମାଛ, ନାନାବିଧ ମାଛ ଡାଆଁଶ, ନାନାବିଧ ଗୋରୁ ମଇଁଷି. ନାନାବିଧ ବ୍ୟାଘ୍ର ଭଲ୍ଲୁ, ନାନାବିଧ ବରାହ ମୃଗ, ନାନାବିଧ କୁରଙ୍ଗ, ନାନାବିଧ ହସ୍ତୀ ଘୋଡା. ନାନାବିଧ ଛେଳି, ମେଣ୍ଢା, ଘୁଷୁରି, ନାନାବିଧ ବିରାଡି, କୁକୁର, ମୂଷା, ନାନା ସର୍ପ, ନାନାବିଧ ଜନ୍ତୁ ଜନ୍ତା, ନାନାବିଧ ଜନ୍ଦା ପିମ୍ପୁଡି, ଉଇ, ନାନାବିଧ ଏଣ୍ଡୁଅ, ଝିଟିପିଟି, ବିଛା; ନାନାବିଧ ମନୁଷ୍ୟ ନାନାବିଧ ଦେବତା, ନାନାବିଧ ରାକ୍ଷସ, ନାନାବିଧ ଶସ୍ତ୍ର ଶାସ୍ତ୍ର, ନାନାବିଧ ପୁରାଣ, ନାନାବିଧ ଗୀତା, ନାନାବିଧ ବାଦ୍ୟ, ନାନାବିଧ ବିବାଦ, ନାନାବିଧ ବେଦ ବିଦ୍ୟା, ଜ୍ୟୋତିଷ, ନାନାବିଧ ଭୋଗ, ନାନାବିଧ ରୋଗ, ନାନାବିଧ ନୃତ୍ୟ, ଗୀତ, ବାଦ୍ୟ, ନାନାବିଧ ବସ୍ତ୍ର, ନାନାବିଧ ଆହାର. ଷଡ଼ ରସ, ଅଷ୍ଟ ଧାତୁ ନବ ରତ୍ନ, ଷଡ ଋତୁ, ଚଳ, ଅଚଳ, ଉଡା, ବୁଡା, ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ, ଗୃହଖାନ,

ଅଛନ୍ତି, ଏ ଦେହରୁ ଯେବେ ଯାଇ, ବ୍ରହ୍ମରେ ଲୀନ ହୁଅଇ, ସଂସାରେ ବୁଲୁଥାନ୍ତି । ମଲେ ଜନ୍ମ ହୁଅଇ, ଶୁଣ ହୋ ମନ, ଏ ମିଛ, ତହିଁକି ଉପମା କହିବା ଶୁଣ, ପାଣି କୁମ୍ଭେ ମିଷ୍ଟକ ଗୋଳ ପୋଖରୀକି ଯେନିଥିବା, ସେ ପାଣିକି ପୋଖରୀ ଭିତରେ ନଇଁଡି ଦେବା, ନିଉଡି ଦେଇ ନେଇଟି ପାଣି କୁମ୍ଭ ଆଣିବା, ସେ ପାଣି ଆଉ କି ମିଷ୍ଟକ ଲାଗିବ ? ଏଣୁ ରୂପଟି ଗଲେ ନ ଆସଇ, ବ୍ରହ୍ମରେ ଲୀନ ହୁଅଇ, ଶୁଣ ହୋ ମନ, ଅଉ ଜନ୍ମ କେ ହୋଇ, ଏ ମଲେ ଆଉ ଜନ୍ମ ନୁହିଁଇ, ଏ ଦେହ ଗଲେ ଆଉ ନ ପାଇ, ଯେବେ ଏ ଦେହ ରଖିବ ତେବେ ଏକାକାର ବ୍ରହ୍ମକୁ ଚିହ୍ନିବ । ଶୁଣ ହୋ ମନ, ଏକାକାର ଭାବ କର, ଦ୍ୱକାର ନ ରଖ, ଦ୍ୱକାର କଲେ କେବେ ବ୍ରହ୍ମକୁ ନ ଚିହ୍ନିବ ।

ହେ ମନ ଏବେ ଶୁଣ ତୁହି
ବ୍ରହ୍ମକୁ ନ ଜାଣନ୍ତି କେହି ।୪୫
ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ କେ ଜାଣିବ ସଂସାରେ ।୪୬
କେବଳ ଭାବେ ବଶ୍ୟ ସେହି
ହେ ମନ ଭାବ ତାକୁ ତୁହି ।୪୭
ସେ ବ୍ରହ୍ମ ଦୟା ଯେ କରନେ
ସର୍ବ ଘଟରେ ଦୃଶ୍ୟ ଦେବେ ।୪୮
ସର୍ବ ଘଟରେ ସେହୁ ଥାଇ
ନଲଗି ବଲଗେ ଖେଳଇ ।୪୯
ଏ ଯେନି ନିଷ୍କାମେ ଭାବବୁ
ବେଦ ଶାସ୍ତ୍ରରେ ନ ଭୁଲିବୁ ।୫୦
ବେଦଟି ନାନା ମତେ କହି
ଏ ଭାବେ ନ ଭୁଲିବୁ ତୁହି ।୫୧
ଏକ ବ୍ରହ୍ମକୁ କର ଆଶ
ପାଇବୁ ପରମରେ ବାସ ।୫୨
ମନ ଶୁଣି ଆନନ୍ଦ ହୋଇ
ବୋଲଇ ନିସ୍ତରିଲି ମୁହିଁ ।୫୩
ଏବେ ମୁଁ ସଂଶୟ ଛାଡ଼ିଲି
ବ୍ରହ୍ମର ମହିମା ଶୁଣିଲି ।୫୪
ପୂର୍ବେ ତୁ କର୍ମା ନ କହିଲୁ
କର୍ମାଇ ଏତେ କଷ୍ଟ ଦେଲୁ ।୫୫
ଘରୁ ଆସିଲି ଯେଉଁ ମନେ
ସେ ମନ ହରିଲୁ କେସନେ ।୫୬
ତୋର ମାୟାରେ ମୁଁ ଭ୍ରମିଲି
କେତେ କଷ୍ଟ ହିଁ ମୁଁ ପାଇଲି ।୫୭
ସେ କଷ୍ଟ କହୁଅଛି ଶୁଣ
ଯେମନ୍ତେ ଭ୍ରମିଲି ମୁଁ ପୁଣ ।୫୮
କହଇ ଅରକ୍ଷିତ ଦାସ
ତୋ ମାୟା ଭ୍ରମାଇଲା ଦେଶ ।୫୯

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଷଷ୍ଠଷଷ୍ଟିତମୋଽଧ୍ୟାୟଃ ।

## ସପ୍ତବିଂଶତିତମ ଅଧ୍ୟାୟ

ଘରେ ମୁଁ ଥିଲି ଯେଉଁ ଦିନେ
ଚୋରେ ମୁଁ ଭାବୁଥିଲି ମନେ ।୨୫
ସତର ବରଷ ଯେଠାରୁ
ସୁବୁଦ୍ଧି ହେଲା ମୋ ହୃଦରୁ ।୨୬
ଦୁଇ ବରଷ ଘର ଠାରେ
ରହିଲି ତୁମ୍ଭ ଭାବନାରେ ।୨୭
ତୁମ୍ଭର ଭାବେ ଚିତ୍ତ ଦେଲି
ରାତ୍ର ଦିବସ ନ ଜାଣିଲି ।୨୮
ଭାବିଲି ଘରେ କାର୍ଯ୍ୟ ନାହିଁ
ଅରଣ୍ୟେ ପଶିବଟି ମୁହିଁ ।୨୯
ଏକା ହୋଇଣ ବନେ ଥିବି
ଗ୍ରାମକୁ କେବେ ନ ଆସିବି ।୩୦
ଏମନ୍ତେ ମନେ ମୁଁ ପାଞ୍ଚିଲି
ଘରେ ମୁଁ ଦିବସେ ଅଇଲି ।୩୧
ଏକ ଗ୍ରାମରେ ବସାଘର
ହରି ପଣ୍ଡା ନାମ ତାହାର ।୩୨
ମୁଁ ତହିଁ କୌପୀନ ମାଗିଲି
ଲେଖା ଘରକୁ ଗୁଳ ଦେଲି ।୩୩
ବୋଇଲି ଖୋଜିବଟି ନାହିଁ
ଖୋଜିଲେ ପାଇବବା କାହିଁ ।୪ ।
ଏମନ୍ତେ ଲେଖା ଲେଖି ଦେଲି
ଗୃହ ଅର୍ଦ୍ଧରେ ବାହାରିଲି ।୩୫
ବୈଶାଖ ମାସ ହୋଇଥିଲା
ଅଷ୍ଟମୀ ଚନ୍ଦ୍ର ଅସ୍ତଗଲା ।୩୬
ଏମନ୍ତବେଳେ ବାହାରନ୍ତେ
ମେଘ ଘୋଟିଲା ଯେ ତୁରନ୍ତେ ।୩୭
ପବନ ବହେ ଖରତର
ପଥ ନଦିଶେ ଅନ୍ଧକାର ।୩୮

ବରଷା ଝିପି ଝିମି କଲା
ଗଗନେ ବିଜୁଳି ମାରିଲା ।୩୯
ଏହା ଦେଖନ୍ତେ ମୋର ମନ
ଭାବିଲି କି କରିବି ପୁଣ ।୪୦
ପ୍ରଭୁଙ୍କ ମାୟା ମୋତେ ହେଲା
ଏ ଅନ୍ଧକାର ଯେ ଘୋଟିଲା ।୪୧
କି ବୁଦ୍ଧି କରିବଇଁ ମୁହିଁ
କାହିଁ ପଶିବି କେଉଁଠାଇଁ ।୪୨
ଏମନ ବଡ ଭୟ କଲା
ଫିରଇ ନାହିଁ ଯେ ବୋଇଲା ।୪୩
କାଲି ପ୍ରଭାତ ମୁହିଁ ଯିବି
ଏକଷ୍ଟ ସହି ନ ପାରିବି ।୪୪
ପୁଣିହିଁ ମନେ ଦମ୍ଭ କଲି
ସେଠାରୁଂ ବାହାରି ହୋଇଲି ।୪୫
ପଥ ନ ଦିଶେ ଅନ୍ଧକାର
ଶୀତଳେ କମ୍ପଇ ଶରୀର ।୪୬
ଖାଲ ଠିକର ନ ଜାଣିଲି
ଅରଣ୍ୟ ଭିତରେ ପଶିଲି ।୪୭
କେତେ ହେଁ ଦୂର ପଥ ଯାନ୍ତେ
ଭାଲୁ ଏ ଦେଖିଲି ତୁରନ୍ତେ ।୪୮
ବିଜୁଳି ତେଜ ଘାତେ ମୁହିଁ
ଦେଖିଲି ବାଟରେ ଅଛଇଁ ।୪୯
ଏମନ ବଡ ଭୟ କଲା
ଆଉତ ବାଟ ନ ଦିଶିଲା ।୫୦
ଭାବିଲି ନଷ୍ଟେ ଏ ଖାଇବ
ବାନାକୁ ବଡ଼ ନିନ୍ଦା ହେବ ।୫୧
ଏମନ୍ତେ ମନେ ପାଞ୍ଚ କଲି
ଖାଉ କୋଳିଣ ପେଲି ଗଲି ।୫୨

ସେହୁ ଖଣ୍ଡିଆ ଆମ୍ବ ଦୁଇ
ବୋଇଲା ଖାଅ ବେଗେ ତୁହି ।୫୩
ତାର ବଚନ ମୁଁ ଶୁଣିଲ
ଖାଇବ ବୋଲଣ ଭୋଇଲି ।୫୪
ବେଳ ଦୁଇ ପ୍ରହର ଠାରେ
ବ୍ରାହ୍ମଣେ ସ୍ନାନ କରିବାରେ ।୫୫
କୃଷ୍ଣ ଦାସ ବୋଲି ବ୍ରାହ୍ମଣ
ପୁଅକୁ ସଙ୍ଗତେ ଘେନିଣ ।୫୬
ମୋର ଆଗରେ ସେ ବସିଲେ
ପୁଅକୁ ଗୀତ ବୋଲାଇଲା ।୫୭
ତା ଶୁଣି ମନ ଛନ ଛନ
ଚୌତିଶା ବୋଇଲି ବହନ ।୫୮
କ ଅକ୍ଷରୁ ଅ ପର୍ଯ୍ୟନ୍ତେ
ବୋଇଲି ମନ ତୋଷ ଚିତ୍ତେ ।୫୯
ତା ଶୁଣି ବ୍ରାହ୍ମଣ ଯେ ମାନେ
ବିସ୍ମର କଲେ ଜଣେ ଜଣେ ।୬୦
ବୋଇଲେ ବାୟା ଏ ନୁହଇ
ଗୁପତେ ଏ ବେଶ ଧରଇ ।୬୧
ଏମନ୍ତ ବୋଲି ଯେଝା ମତେ
ବ୍ରାହ୍ମଣେ ଗଲେ ଯେ ସମସ୍ତେ ।୬୨

ଏମନ୍ତେ ଦିନ ଅସ୍ତ ଗଲା
ସନ୍ଧ୍ୟା ବେଳ ଆସି ହୋଇଲା ।୬୩
ମାଳ ପୁଷ୍ପାଣି ସେ ଅଇଲେ
ସନ୍ଧ୍ୟା ସାରଣ ଧପ କଲେ ।୬୪
ଦହି ପଖାଳ ମୋତେ ଦେଇ
ବୋଇଲେ ଖାଅ ବେଗେ ତୁହି ।୬୫
ତୁ ପଥରେ ନେଇ ଦେଲେ
ତାହା ମୁଁ ବେଗେ ଖାଇ ଭଲେ ।୬୬
ଖାଇ ସାରନ୍ତେ ମୁହିଁ ପୁଣି
ବୋଇଲେ ଆସ ସି ବହିଲ ।୬୭
ସଙ୍ଗତେ ମୋତେ ଘେନଗଲେ
ଶୋଇବାକୁ ଯେ ସ୍ଥାନ ଦେଲେ ।୬୮
ଏମନ୍ତେ ଆଠଦିନ ରହି
ଏ ଥାନୁ ମୁହିଁ ଗୁପ୍ତ ଯାଇ ।୬୯
କହଇ ଅରକ୍ଷିତ ଦାସ
ଭ୍ରମିଲି ମୁହିଁ ନାନା ଦେଶ ।୭୦
ଆହେ ସୁଜନ ମାନେ କହି
ଖଣ୍ଡଗିରିରେ ଏବେ ରହି ।୭୧
ଏବେ ପ୍ରଭୁଙ୍କୁ ତୁମ୍ଭେ କହ
ମୋଠାରେ ଦୟା ତୁମ୍ଭେ ହୁଅ ।୭୨

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ଏକସପ୍ତତିତମୋଽଧ୍ୟାୟଃ ।

ଏମନ୍ତ କହିଣ ରଖିଲେ
ରାଜ ପାଆନ୍ତେ ଜଣେ ଦେଲେ ।୧୭
ବୋଇଲା ଆଗେ ତୁମ୍ଭେ ଚାଲ
ବାଟ ତ ନ ଜାଣଇ ଭଲ ।୧୮
ତା ଶୁଣି ଆଗେ ସେ ଚାଲଇ
ମୁହିଁ ତ ପଛରେ ଗୋଡ଼ାଇ ।୧୯
ସେ ଦିନ କୁହୁଡ଼ି ଯେ କଲା
ଶୀତ ହିଁ ବଡ଼ ଦେଖାଇଲା ।୨୦
ବୋଇଲା ଚଇତ ମାସରେ
ଶୀତ ଯେ ମୋତେ ବଡ କରେ ୨୧
ଜାଡ଼ କାଳରେ ଶୀତ ମୁହିଁ
ବନେ କେମନ୍ତେ ବଞ୍ଚିବଇଁ ।୨୨
ମଜ୍ଜା ଯେ କମ୍ପଇ ମୋହର
ସେତ ଡାକଇ ଅସ ଖର ।୨୩
ତା ଶୁଣି ମନେ ବିଚାରଇ
ଏତ ଅଇଲା କିସ ପାଇଁ ।୨୪
ଏ ଯେବେ ସଙ୍ଗେରେ ନ ଥିଲେ
ଓହାଡେ ବସନ୍ତ ମୁଁ ଭଲେ ।୨୫
କାକର ଗୁଡ଼ଲେ ଯାଆନ୍ତି
ଏତେ ଶୀତ କମ୍ପା ପାଆନ୍ତି ।୨୬
ଏମନ୍ତେ ବିଚାରି ଚାଲଇ
ବେଳ ଯେ ପ୍ରହରଟି ହୋଇ ।୨୭
କୁହୁଡ଼ି ହତ ହୋଇ ଗଲା
ସୂର୍ଯ୍ୟଙ୍କ ତେଜ ପ୍ରକାଶିଲା ।୨୮
ସୂର୍ଯ୍ୟଙ୍କ ତେଜ ଲାଗି ଦେହେ
ଶୀତଟି କେଣେ ଗଲା କହେ ।୨୯
ଚାଲନ୍ତେ ଏକଇ ଗ୍ରାମରେ
ଦଶପଲ୍ଲୀ ସୀମା ଭିତରେ ।୩୦
ସଙ୍ଗରେ ଯେଉଁ ଜଣ ଥିଲା
କହି ଆମ୍ଭଙ୍କୁ ଘେନି ଗଲା ।୩୧
ବୋଇଲା ଆସ ଯିବା ଘରେ
ସାର କରିଣ ଯିବ ଖରେ ।୩୨
ତାର ବଚନେ ମୁହିଁ ଗଲି
ସାରିଣ ସେ ଗ୍ରାମୁ ଚଳିଲି ।୩୩
ମହାନଦୀ ଭିତରେ ଯାଇ
ମଣିଭଦ୍ରା ପର୍ବତ ପାଇ ।୩୪
ଉପରକୁ ଚାହିଁଣ କହି
ଚାରି କୋଷ ଉଚ୍ଚ ହେବଇଁ ।୩୫
ଉପରେ ପାଣି ନାହିଁ ଶୁଣ
କିସ ଖାଇ ରହିବ ପୁଣ ।୩୬
ତଳକୁ ଆସି ଜଳ ଖାଇ
ଉଠି ଯିବାକୁ ସକ୍ଷ ନାହିଁ ।୩୭
ବଡ଼ ଭରସା କରିଥିଲି
ଏଥି ମୁଁ ରହିବ ପାଞ୍ଚିଲି ।୩୮
ସେ ପାଞ୍ଚ ନିଷ୍ଫଳ ତ ହେଲା
କାହିଁ ରହିବ ମୁହିଁ ଭଲା ।୩୯
ମହାନଦୀ ଦୁଇ କୂଳରେ
ଗ୍ରାମ ତ ବସିଛି ନିର୍ଭରେ ।୪୦
ନଦୀ ତଟରେ ଲଟା ନାହିଁ
ଗ୍ରାମକୁ ଗ୍ରାମ ବସିଛଇଁ ।୪୧
ପର୍ବତ ମାନଙ୍କରେ ଶୁଣ
ଜନ ତ ନ ପାଇବ ପୁଣ ।୪୨
ଗ୍ରାମେ ତ ପଶି ନ ପାରଇ
କାହିଁ ରହିବ ବୁଦ୍ଧି ନାହିଁ ।୪୩
ଏମନ୍ତେ ବିଚାରି ଚାଲନ୍ତେ
ବେଳ ବୁଡ଼ିଲା ଦିନ ଅନ୍ତେ ।୪୪

ନଗ୍ରୀ ମଧ୍ୟରେ ଅଗ୍ନି ଜଳେ
ଗୋସାଣୀ ନଆଁ ଅବା ଜଳେ ।୩୭
କେ ଅବା ମଡ଼ା ପୋଡି ଯାଇ
ସେଠାକୁ ଏବେ ଯିବି ମୁହିଁ ।୩୮
ଅଗ୍ନି ପାଖରେ ମୁଁ ବସିବି
ଶରୀର ଦମ୍ଭ ମୁଁ କରିବି ।୩୯
ଏମନ୍ତେ ପାଞ୍ଚ ମୁହିଁ ଗଲି
ଅଗ୍ନି ପାଖରେ ଯେ ପାଇଲି ।୪୦
ମନୁଷ୍ୟ ରୁଣ୍ଡ ଯେ ଶୁଭିଲା
ଭାବିଲି ପ୍ରଭୁ ଦୟା କଲା ।୪୧
ନଗ୍ରୀ ମଧ୍ୟରେ ଅଗ୍ନି କାହିଁ
ଏତ ପ୍ରଭୁଙ୍କ ଦୟା ହୋଇ ।୪୨
ଏମନ୍ତେ ବଗୃର ମୁଁ ଗଲି
ଅଗ୍ନି ପାଖରେ ଛୁଡ଼ାହେଲି ।୪୩

ତିନ ଜଣ ଯେ ବସିଥିଲେ
ଦେଖିଣ ଭୟେ ପଚାରିଲେ ।୪୪
ବୋଇଲେ କାହୁଁ ଯେ ଅଇଲ
ଏତେ ରାତ୍ରରେ କାହିଁ ଥିଲ ।୪୫
ଶୀତରେ କମ୍ପୁଛି ଶରୀର
ଅଗ୍ନି ପାଖରେ ବସେ କର ।୪୬
ଏମନ୍ତେ କହିଲେକ ଯହୁଁ
ଅଗ୍ନି ପାଖରେ ବସେ ରହୁ ୪୭
ଅଗ୍ନିଙ୍କ ତେଜ ଯେ ଲାଗିଲା
ଶରୀର ଦମ୍ଭ ମୋ ହୋଇଲା ।୪୮
କହଇ ଅରକ୍ଷିତ ଦାସ
ଏ ଦେହେଁ ପାଇ ବହୁ କ୍ଳେଶ ।୪୯
ଆହେ ସୁଜନ ମାନେ କହି
ଲେଉଟି ଖଣ୍ଡଗିରି ଯାଇ ।୫୦

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା କଥନେ
ନାମ ଚତୁଃସପ୍ତତିତମୋଽଧ୍ୟାୟଃ ।

---

# ପଞ୍ଚ ସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କହି
ଶୀତ ଘୁଡ଼ିଲା ଯହୁଁ ମୁହିଁ ।୧
ବୋଇଲୁ ଖଣ୍ଡ ଯେ ଗିରିରୁ
ଯାଉ ଯେ ଥିଲୁ ବହୁଦୂରୁ ।୨
ରାତ୍ରି ବାଟେ ପାହିଯାଇ
ଚନ୍ଦ୍ର ବୁଡନ୍ତେ ରହିଲଇଁ ।୩

ନଗ୍ରୀ ମଧ୍ୟରେ ଯେ ରହିଲୁ
ଶୀତ କରନ୍ତେ ଯେ ଆସିଲୁ ।୪
ଅଗ୍ନିକୁ ଦୁରୁ ଦେଖି ଜାଣି
ଅଇଲୁ ଏଥି ତୁମ୍ଭେ ଶୁଣ ।୫
ବୋଇଲେ ଉପାସେ ରହିଲ
କମ୍ପା ଗ୍ରାମକୁ ଯେ ନଗଲ ।୬

ଗ୍ରାମକୁ ଯାଇଥିଲେ ଜାଣ
ରନ୍ଧା ଯେ କରିଥାଂତ ପୁଣ ।୭
ବୋଇଲୁ ରନ୍ଧା ନ ପାରଇ
ଯେ ଦେଲେ ତା ଘରେ ସାରଇ ।୮
ବୋଇଲେ ଆମ୍ଭ ନଯେ ରନ୍ଧାରେ
ସାରିବ ଜଣାଇ ଗ୍ରାମରେ ।୯
ବୋଇଲୁ ସାରିବୁ ଯେ ଶୁଣ
ବାଛ ବଗିର ନାହିଁ ପୁଣ ।୧୦
ତା ଶୁଣି ବେଗେ ରନ୍ଧସାରି
ଅନ୍ନ ବ୍ୟଞ୍ଜନ ଦେଲେ ଭରି ।୧୧
ସାରନ୍ତେ ଘରି ପାଣ୍ଡୁ ପୁଣ
କହିଣ ଆସିଲୁ ବହନ ।୧୨
ସେଠାରୁ ଗୃଲି ମୁଁ ଆସନ୍ତେ
ଜଳ ଦେଖିଣ ମୁଁ ବସଂତେ ।୧୩
ସ୍ତ୍ରିରୀ ପାଞ୍ଚ ସାତ ଅଇଲେ
ଦୁରୁ ଦେଖିଣ ସେ କହିଲେ ।୧୪
ବୋଇଲେ ବାପୁ ଏ ଅଟଇ
ଏଥେ ବସିଛୁ କାହିଁ ପାଇଁ ।୧୫
କେମଂତେ ପାଣି ଗୋ ଆଣିବା
ଗୃଲ ଗୋ ଏଥୁ ଫେରିଯିବା ।୧୬
ଗଲେଟି ଘଉଡ଼ିବ ସେହି
ଗୃଲ ଗୋ ଫେରିଯିବା କହି ।୧୭
ଏମଂତେ ବୋଲି ଫେରିଗଲେ
ତାହା ମୁଁ ମନେ ପାଞ୍ଚେ ଭଲେ ।୧୮
ଦେଖ ଏ ପୁରୁଷଙ୍କ ମାୟା
ଅଜ୍ଞାନ ସବୁ କରି କାୟା ।୧୯
ସେ ହରି ସର୍ବ ଘଟେ ଥାଇ
ଯୁଗଳ ରୂପେ ବିହରଇ ।୨୦

ଏଦେହ ଜୀବଟି ପରମ
ବିହରେ ରାଧା ଦବସେଣ ।୨୧
ସଂସାରେ ଖେଳ ଲଗାଇଲୁ
ସ୍ତ୍ରିରୀ ପୁରୁଷ ଜାତି କଲୁ ।୨୨
ଯେତେ ସ୍ତ୍ରିରୀ ପୁରୁଷ ଛନ୍ତି
ଲକ୍ଷ୍ମୀ ନାରାୟଣ ଅଟନ୍ତି ।୨୩
ଏ ଯେତେ ସ୍ତ୍ରିରୀ ଆସିଥିଲେ
ଆମ୍ଭର ପତ୍ନୀ ଅଟେ ଭଲେ ।୨୪
କମ୍ପାଇଁ ଭୟେ ଯେ ପଳାଇ
ବାପୁ ବୋଲଣ ଗାଳି ଦେଇ ।୨୫
ଗେରସ୍ତ ଠାରେ କୋପ କରି
କମ୍ପାଇଁ ଏଥୁ ଗଲେ ଫେରି ।୨୬
ମୁହିଁ ବା ଚିହ୍ନି ନ ପାରଇ
ତେଣୁ ଭର୍ତ୍ସନା ବୋଲେ ସେହି ।୨୭
ମୁଁ ଯେବେ ଚିହ୍ନି ପାରି ଥାନ୍ତି
କମ୍ପାଇଁ ଭର୍ତ୍ସନା ଶୁଣନ୍ତି ।୨୮
ଯହୁଁ ମୁଁ ଭିନ୍ନା ଭିନ୍ନ କଲି
ତେଣୁ ବାପୁ ପଦ ବହିଲି ୨୯
ସେ ପ୍ରଭୁ ସର୍ବ ଘଟେ ଥାଇ
ଭଲ ମନ୍ଦ ଯେ ନ ଜାଣଇ ।୩୦
ଦେହରେ ପ୍ରକୃତି ଭ୍ରମନ୍ତି
ଭିନ୍ନା ଭିନ୍ନ କରି ମରନ୍ତି ।୩୧
ହିଂସା ଲୋଭ କାମ ମାୟାରେ
ଚୌଷଠି ରୋଗ ସଙ୍ଗତରେ ।୩୨
ଏହାଙ୍କ ସଙ୍ଗେ ମୁଁ ଭ୍ରମିଲି
ଦୁର୍ଯ୍ୟୋଧନ ପରାୟେ ହେଲି ।୩୩
ଏମନ୍ତେ ମନେ ମୁଁ ପାଞ୍ଚଇ
ସେଠାରୁ ଅଇଲି ପଳାଇ ।୩୪

ଗଡକ ବେଲପଡ଼ା ଜାଣ
ଗଡ଼ ପାଆନ୍ତେ ଯେ ଆସିଣ ।୩୫
ମାଲ ମାଧବ ସ୍ଥାନେ ରହି
ଗଡ଼ ପାଆନ୍ତେ ମୁଁ ଆସଇ ।୩୬
ମହାନଦୀ ଭିତରେ ଜାଣ
ଏକ ପର୍ବତେ ରହି ପୁଣ ।୩୭
ବୋଇଲି ଏଥୁ ଗୁମ୍ଫା ଥିଲେ
ଏ ସ୍ଥାନେ ରହିବି ମୁଁ ଭଲେ ।୩୮
ଏମନ୍ତେ ପାଞ୍ଚ ମୂର୍ତ୍ତି ଗଲି
ଗୁମ୍ଫା ଖୋଜନ୍ତେ ନ ପାଇଲି ।୩୯
ପର୍ବତ ବୁଲି ମୁଁ ଆସଂତେ
ମହାଦେବ ସ୍ଥାନ ଦେଖଂତେ ।୪୦
ସେଠାରେ ଆସି ମୁଁ ମିଳିଲି
ପ୍ରସାଦ ଦେଲେ ମୁଁ ସାଇଲି ।୪୧
ସାଇଣ ଚଳିଲି ବହନ
ମିଳିଲି ବୈଦେଶ୍ୱର ଜାଣ ।୪୨
ପର୍ବତ ପରେ ମହାଦେବ
ଗଡକ ରହି ସେହିଠାବ ।୪୩
ଦହି ପଖାଳ ତହିଁ ଖାଇ
ଗଡ଼ ପାଆଂତେ ମୁଁ ଆସଇ ।୪୪
ବାଙ୍କୀ ସୀମା ତୁଳସୀ ପୁର
ଦ୍ୱି ଗଡ଼ ରହିଲି ତହିଁର ।୪୫
ଦୁଇ ଗଡ଼ ରହି ଛାଡ଼ିଲୁ
ହଳଦିଆ ପର୍ବତ ଅଇଲୁ ।୪୬
ସେଠାରେ ସ୍ଥାନ କରୁ ନାହିଁ
ଲେଉଟି ଡମପଡ଼ା ଯାଇ ।୪୭
ଗଡକ ସେଠାରେ ରହିଲୁ
ଗଡ଼ ପାଆନ୍ତେ ଯେ ଆସିଲୁ ।୪୮
ଆସିଣ ଖଣ୍ଡଗିରି ଯାଇ
କାହାକୁ ଦେଖା ଯେ ନ ଦେଇ ।୪୯
ବାର ବନ ଲୁଚି ରହିଲି
ପୁଣି କଥାଏ ପାଞ୍ଚ କଲି ।୫୦
କେତେ ଦେହେଁ ଲୁଚି ରହିଥିବା
ପ୍ରାଚୀ କୂଳ ଦେଖି ଆସିବା ।୫୧
ବାହାରେ ଅରକ୍ଷିତ ଦାସ
ମାୟାଟି କଲେ ପୀତବାସ ।୫୨
ଆହେ ସୁଜନ ମାନେ କହି
ଖଣ୍ଡଗିରି କ ଗୁଡ଼ ମୁହିଁ ।୫୩

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମଧ୍ୟମଣ୍ଡଳ ଗୀତା କଥନେ
ନାମ ପଞ୍ଚସପ୍ତତିତମୋଽଧ୍ୟାୟଃ ।

---

## ଷଷ୍ଠସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କହି
ଖଣ୍ଡଗିରିରୁ ମୁହିଁ ଯାଇ ।୧
ଗଡ଼ରେ ଛଅ କୋଶ ଗଲୁ
ବାଳକାଟି ପାଖେ ମିଳିଲୁ ।୨

ନାନାବିଧ ଦେବତା ଅଛନ୍ତି
ଅକ୍ଷର ସବୁଟି କହନ୍ତି ।୩୮
ନାନାବିଧ ଯାତ୍ରା ଉପାସ ହିଁ
ଅକ୍ଷର ସବୁଟି କହଇ ।୩୯
ନାନାବିଧ ଗ୍ରାମ ଯେ ଅଛନ୍ତି
ଅକ୍ଷର ସବୁଟି କହନ୍ତି ।୪୦
ନାନା କୁଟ କପଟ ଅଛି
ଅକ୍ଷର ସବୁଙ୍କୁ ବାନ୍ଧନ୍ତି ।୪୧
ନାନା ଉପାୟ ଯେ ଅଛଇ
ଅକ୍ଷର ସବୁଟି କରଇ ।୪୨
ଛନ୍ଦ ମିନ୍ଦହିଁ ଭଲ ଜାଣ
ଅକ୍ଷର ସବୁଟି କରଣ ।୪୩
କର୍ମାୟୁ ମାୟା ଯେ ସଂସାରେ
ଅକ୍ଷର ବିନା ସବୁ କିରେ ।୪୪
ଧର୍ମ ଅଧର୍ମ ପାପ ପୁଣ
ଅକ୍ଷର ସବୁ କରେ ଜାଣ ।୪୫
ଅକ୍ଷର ଲାଗି ବିନା ମରେ
ଅକ୍ଷର ଲାଗି ବିନା ତରେ ।୪୬
ଅକ୍ଷର ଲାଗି ଜାତ ହୋଇ
ଅକ୍ଷର ଲାଗିଟି ମରଇ ।୪୭

ବରଷ ମାୟା କୂଟ କରି
ଅକ୍ଷର ମାରୁଅଛି ଧରି ।୪୮
ଅକ୍ଷର ସର୍ବ ଜାତ କରେ
ଅକ୍ଷର ସର୍ବଙ୍କି ସଂହାରେ ।୪୯
ଅକ୍ଷର ତେଜ ବଳେ ଶୁଣ
ସମସ୍ତେ ହୁଅନ୍ତି ଦହନ ।୫୦
ଅକ୍ଷର ଶୀତଳ ଅଟନ୍ତି
ହେମ ଲାଗି ସର୍ବେ ମରନ୍ତି ।୫୧
ଅକ୍ଷର ଏମନ୍ତଟି ଗୁଣ
ହେ ମନ ସାବଧାନେ ଶୁଣ ।୫୨
ମନ ଶୁଣି ଭୟେ ବୋଲଇ
ହେ ପ୍ରଭୁ ଦୟାକର ତୁହି ।୫୩
ତୁମ୍ଭ ମୁଖରୁ ଏହା ଶୁଣି
ମୋ ମନେ ବଡ଼ ଭୟ ପୁଣି ।୫୪
ଅକ୍ଷର ଏମନ୍ତ ବେଭାର
ହେ ପ୍ରଭୁ ଏଥୁ ପାରକର ।୫୫
ହେ ପ୍ରଭୁ ଭୟ କର ନାଶ
ଜଣାଇ ଅରକ୍ଷିତ ଦାସ ।୫୬
ଆହେ ସୁଜନ ମାନେ ତୁମ୍ଭେ
ଅକ୍ଷରକୁ ଯେ ଧର ସର୍ବେ ।୫୭

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହାମଣ୍ଡଳ ଗୀତା
କଥନେ ନାମ ସପ୍ତାଶୀତିତମୋଽଧ୍ୟାୟଃ ।

ଅକ୍ଷରକୁ ଯେ ନିନ୍ଦେ ପୁଣ
ତା ଠାରୁ ପାପୀ ନାହିଁ ଜାଣ ।୫୭
ଅକ୍ଷରକୁ ଯେ ନ ଦେଖନ୍ତି
ସେ ନର ହୀନ ମୂଢ଼ ମତି ।୫୮
ଗୀତା ପୁରାଣ ଶାସ୍ତ୍ର ଯେତେ
ମୂର୍ଖ ଥାଆନ୍ତି ନ ବୋଲଇ ।୫୯
ସେ ମୂର୍ଖ ଅଶୁଦ୍ଧ ଅଟଇ
ତା ଠାରୁ ପାପୀ କେହି ନାହିଁ ।୬୦
ଅକ୍ଷର ମୁଖେ କହି ଶୁଣ
କିଛି ନ ଜାଣଇଟି ପୁଣ ।୬୧
ସେ ନର ଅନ୍ଧ ବୋଲି ଜାଣି
ତାକୁ ଅକ୍ଷର ମାରେ ପୁଣି ।୬୨
ଯେ ନର ଅକ୍ଷର ଚିହ୍ନଇ
ମୁଖରେ ଗାୟନ କରଇ ।୬୩
ସେ ନର ତିନି ପୁରେ ଧନ୍ୟ
ଦେବେ କରନ୍ତି ତାକୁ ମାନ୍ୟ ।୬୪
ସେ ଲୋକ ଜୀବନ୍ମା ଅଟଇ
ତାହାକୁ ତୁଲ୍ୟ କେହି ନାହିଁ ।୬୫
ସେ ନର ତିନି ପୁରେ ଧନ୍ୟ
ଯେ ମୁଖେ କରନ୍ତି କୀର୍ତ୍ତନ ।୬୬
ତାହାକୁ ସର୍ବେ ବଶ ହୁଅନ୍ତି
ଅକ୍ଷର ଅମୃତ ପିଅନ୍ତି ।୬୭
ହେ ମନ ଅକ୍ଷରକୁ ଭାବ
ତୋତେ ଦୟାଟି ମୋର ଥିବ ।୬୮
ହେ ମନ ଅକ୍ଷରଙ୍କ ଗୁଣ
ନିତି ତୁ କରିବୁ ଗାୟନ ।୬୯
ଅକ୍ଷର ବ୍ରହ୍ମଟି ଅଟଇ
ହେ ମନ ଭାବ ତାଙ୍କୁ ତୁହି ।୭୦

ଅକ୍ଷର ବ୍ରହ୍ମ ବୋଲି ଜାଣ
ହେ ମନ ଭାବ ତାଙ୍କୁ ପୁଣ ।୭୧
ଅକ୍ଷର ବ୍ରହ୍ମ ସର୍ବ ଦେବ
ହେ ମନ ତାଙ୍କୁ ନିତ୍ୟେ ଭାବ ।୭୨
ଅକ୍ଷର ବ୍ରହ୍ମ ରୂପ ଧରି
ଶୂନ୍ୟରେ ଦେଖ ଅଛି ପୂରି ।୭୩
ଅକ୍ଷର ଜୀବ ରୂପ ହୋଇ
ସଂସାରେ ଘୋଟିଅଛି ସେହି ।୭୪
ମୁହିଁ ଅକ୍ଷର ରୂପ ଧରି
ଏ ଦେହ ରଖିଛି ତୋହରି ।୭୫
ମୁହିଁ ଅକ୍ଷର ଜୀବ ହୋଇ
ସର୍ବ ଘଟେ ହେଲି ମୁହିଁ ।୭୬
ମୁହିଁ ଅକ୍ଷର ବ୍ରହ୍ମ ହେଲି
ମହାଶୂନ୍ୟଟି ବୋଲାଇଲି ।୭୭
ଅକ୍ଷର ସ୍ତ୍ରୀ ପୁରୁଷ ହୋଇଁ
ସର୍ବ ଜାତ କରୁଛି ସେହି ।୭୮
ଅକ୍ଷର ନ ଲାଗିଲେ ପୁଣ
ସ୍ତ୍ରୀ ପୁରୁଷ ନ ଭେଟିଣ ।୭୯
ଅକ୍ଷର ଲାଗିଲେଟି କହି
ସ୍ତ୍ରୀ ପୁରୁଷ ଭେଟ ହୋଇ ।୮୦
ନାନା କୌତୁକେ ରସ କେଳି
କରନ୍ତି ଅକ୍ଷର ଯେ ମେଳି ।୮୧
ନାନା କୌତୁକେ ସର୍ବ ଘଟେ
ରତି କରନ୍ତି ଯେ ଉଚାଟେ ।୮୨
ଅନୁକ୍ଷଣେ ରତି କରନ୍ତି
ତେଣୁ ଟି ସର୍ବେ ଜାତ ହୁଅନ୍ତି ।୮୩
ଅକ୍ଷର ନ ଲାଗିଲେ ଜାଣ
ରତି କରିବେ କାହୁଁ ପୁଣ ।୮୪

ହେ ବ୍ରହ୍ମ ସି ଂ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୭
ହେ ବ୍ରହ୍ମ ଛି ଅକ୍ଷର ଜାଣ
ଦୟା ଭୁ କର ମୋତେ ପୁଣ ।୮
ହେ ବ୍ରହ୍ମ ର ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୯
ହେ ବ୍ରହ୍ମ ସ୍ତୁ ଅକ୍ଷର ଜାଣ
ଦୟା ଭୁ କର ମୋତେ ପୁଣ ।୧୦
ହେ ବ୍ରହ୍ମ ଅ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୧୧
ହେ ବ୍ରହ୍ମ ଆ ଅକ୍ଷର ଶୁଣ
ଦୟା ଭୁ କର ମୋତେ ପୁଣ ।୧୨
ହେ ବ୍ରହ୍ମ ଇ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୧୩
ହେ ବ୍ରହ୍ମ ଈ ଅକ୍ଷର ଶୁଣ
ଦୟା ଭୁ କର ମୋତେ ପୁଣ ।୧୪
ହେ ବ୍ରହ୍ମ ଋ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୧୫
ହେ ବ୍ରହ୍ମ ଌ ଅକ୍ଷର ଶୁଣ
ଦୟା ଭୁ କର ମୋତେ ପୁଣ ।୧୬
ହେ ବ୍ରହ୍ମ ଏ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୧୭
ହେ ବ୍ରହ୍ମ ଐ ଅକ୍ଷର ଶୁଣ
ଦୟା ଭୁ କର ମୋତେ ପୁଣ ।୧୮
ହେ ବ୍ରହ୍ମ ଓ ଅକ୍ଷର ଭୁହ୍ନ
ଦୟା ଭୁ କର ମୋତେ କହ୍ନ ।୧୯
ହେ ବ୍ରହ୍ମ ଔ ଅକ୍ଷର ଶୁଣ
ଦୟା ଭୁ କର ମୋତେ ପୁଣ ।୨୦

ହେ ବ୍ରହ୍ମ ଅଂ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୨୧
ହେ ବ୍ରହ୍ମ ଅଃ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୨
ହେ ବ୍ରହ୍ମ ଏ ଷୋଳ ଅକ୍ଷର
ଭୁହ୍ନ ହୋଇଲୁଟି ନକର ।୨୩
ହେ ବ୍ରହ୍ମ କ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୪
ହେ ବ୍ରହ୍ମ ଖ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୨୫
ହେ ବ୍ରହ୍ମ ଗ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୬
ହେ ବ୍ରହ୍ମ ଘ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୨୭
ହେ ବ୍ରହ୍ମ ଙ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୮
ହେ ବ୍ରହ୍ମ ଚ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୨୯
ହେ ବ୍ରହ୍ମ ଛ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ୩୦
ହେ ବ୍ରହ୍ମ ଜ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୩୧
ହେ ବ୍ରହ୍ମ ଝ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୨
ହେ ବ୍ରହ୍ମ ଞ ଅକ୍ଷର ଭୁହ୍ନ
ଦୟା ତୁ କର ମୋତେ କହ୍ନ ।୩୩
ହେ ବ୍ରହ୍ମ ଟ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୪

